ବର୍ଷ-୨୬, ସଂଖ୍ୟା-୧୧୯
ଭୁବନେଶ୍ୱର
୩, ମଇ, ୨୦୨୬ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 119
Bhubaneswar
3, May, 2026 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ମହାନଦୀ ଜଳ ବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ଶୁଣାଣି



**ଭୁବନେଶ୍ୱର,୨।୫(ମହାଭାରତ):** ମହାନଦୀ ଜଳ ବିବାଦ ମାମଲା ନେଇ ଟ୍ରିବ୍ୟୁନାଲ୍‌ରେ ଶୁଣାଣି ହୋଇଛି । ମୌସୁମୀ ଓ ଅଣମୌସୁମୀରେ କେତେ ଜଳ ପ୍ରବାହିତ ଅବଗତ କରାଯାଇଛି । ଟ୍ରିବ୍ୟୁନାଲଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ଓଡ଼ିଶା, ଛତିଶଗଡ଼ ଅବଗତ କରିଛନ୍ତି । ଆପୋଷ ବୁଝାମଣା ନେଇ ବୈଷୟିକ ସ୍ତରରେ ଆଲୋଚନା କଥା ଜଣାଗଲା । ଓଡ଼ିଶା ପକ୍ଷରୁ ପକ୍ଷ ରଖିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ । ମେ ୩୦ ତାରିଖରେ ପରବର୍ତ୍ତୀ ଶୁଣାଣି ନେଇ ଦିନ ଧାର୍ଯ୍ୟ କରାଯାଇଛି । ଶୁଣାଣି ପରେ ଏଜି ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇ କହିଛନ୍ତି ଯେ ଆଜିର ଶୁଣାଣି ଐତିହାସିକ ଥିଲା । ସମାଧାନ ପାଇଁ ଓଡ଼ିଶା ଓ ଛତିଶଗଡ଼ର ପ୍ରୟାସକୁ ଟ୍ରିବ୍ୟୁନାଲ ପ୍ରଶଂସା କରିଛନ୍ତି । ଉଭୟ ରାଜ୍ୟର ଆଗ୍ରହ ଓ ଉଦ୍ୟମ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ । ମହାନଦୀ ଜଳ ବିବାଦ ନେଇ ସମାଧାନର ରାସ୍ତା ଆଉ ପାଦେ ଆଗେଇଛି । ଦୁଇଟି ପ୍ରସଙ୍ଗରେ ଉଭୟ ରାଜ୍ୟ ସହମତି ପତ୍ର ପ୍ରଦାନ କରିଛନ୍ତି । ବାକି ଯେଉଁ ପ୍ରସଙ୍ଗ ରହିଛି ସେସବୁ ଖୁବ୍ ଶୀଘ୍ର ସମାଧାନ ହୋଇଯିବ । ଆଜି ଦୁଇ ରାଜ୍ୟ ଜଳ ଅମଳ ସଂପର୍କିତ ଯୁଗ୍ମ ସ୍ୱାକ୍ଷରିତ ବିବରଣୀ ଦାଖଲ କରିଛନ୍ତି । ଯୁଗ୍ମ ସ୍ୱାକ୍ଷରିତ ବିବରଣୀରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ଦସ୍ତଖତ କରିଛନ୍ତି । ଏହି ଜଳ ଅମଳ ପ୍ରସଙ୍ଗ ଜଳ ବଂଟନର ଆଧାର ହେବ ବୋଲି କହିଛନ୍ତି ଏଜି ପୀତାମ୍ବର ଆଚାର୍ଯ୍ୟ ।

## ସିଲିଣ୍ଡର ଫାଟି ମହିଳା ମୃତ, ଦୁଇ ପୁଅ ଗୁରୁତର

**କନ୍ଧମାଳ,୨।୫(ମହାଭାରତ):** କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ସୂତ୍ରାରେ ଗ୍ୟାସ୍ ସିଲିଣ୍ଡର ଫାଟି ଘଟଣାସ୍ଥଳରେ ହିଁ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ଦୁଇ ପୁଅ ଗୁରୁତର ଭାବରେ ଆହତ ହୋଇଛନ୍ତି ।

ସୂଚନା ଅନୁଯାୟୀ, ଆଜି ସକାଳେ ହଠାତ୍ ଘରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ନିଆଁ ଲାଗି ଯାଇଥିଲା । ନିଆଁ ଏତେ ଭୟଙ୍କର ଥିଲା ଯେ ମହିଳା ଜଣକ ସେଠାରେ ହିଁ ପୋଡି ଯାଇଥିଲେ ଯାହାଦ୍ୱାରା ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡିଥିଲା । ତାଙ୍କର ଦୁଇ ପୁଅ ମଧ୍ୟ ଏହି ନିଆଁରେ ପୋଡିହୋଇ ଗୁରୁତର ହୋଇଛନ୍ତି । ଖବର ପାଇ ଅଗ୍ନିଶମ ବାହୀନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ଏଥି ସହିତ ପୋଲିସ୍ ପହଂଚି ମୃତକଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଆହତଙ୍କୁ ଡାକ୍ତରଖାନାକୁ ପଠାଇଛି । ଦୁର୍ଘଟଣାର କାରଣ ବାବଦରେ ତଦନ୍ତ ଆରମ୍ଭ କରିଛି ପୋଲିସ ।

## ବଲାଙ୍ଗିରରେ ମୃଦୁ ଭୂମିକମ୍ପ

**ବଲାଙ୍ଗିର,୨।୫(ମହାଭାରତ):** ବଲାଙ୍ଗିର ଜିଲ୍ଲାରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଛି । ଶନିବାର ଭୋର୍ ପ୍ରାୟ ୪ଟା ୩୫ରୁ ୪ଟା ୪୦ ମଧ୍ୟରେ ମାତ୍ର କିଛି ସେକେଣ୍ଡ ପାଇଁ ଭୂମିକମ୍ପ ଅନୁଭୂତ ହୋଇଛି । ଭୂମିକମ୍ପ ଅନୁଭୂତ ହେବା କ୍ଷଣି ଲୋକେ ଭୟରେ ଘରୁ ପଦାକୁ ବାହାରି ଆସିଛନ୍ତି । କେବଳ ବଲାଙ୍ଗିର ନୁହେଁ ତୁଷରା, କଂଟାବାଞ୍ଜିରେ ମଧ୍ୟ ଭୂମିକମ୍ପର ଝଟ୍‌କା ଅନୁଭୂତ ହୋଇଛି । ତେବେ କ୍ଷୟକ୍ଷତି ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ । ଗତ ଦୁଇ ଦିନ ତଳେ ନବରଙ୍ଗପୁର ଓ କଳାହାଣ୍ଡି ଜିଲ୍ଲାରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିଲା ।

## ବାଇକ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ

**ଗଞ୍ଜାମ,୨।୫(ମହାଭାରତ):** ଗୁରୁବାର ରାତିରେ ଦୁଇ ଜଣ ଯୁବକ ଭୋଜିଖାଇ ବାଇକ୍ ଯୋଗେ ଫେରୁଥିବା ବେଳେ ବର୍ଷା ଓ ପବନରେ ଭାରସାମ୍ୟ ହରାଇ ବାଇକ୍ ଟି କାଳିଆଗୁଡା ରାସ୍ତା କଡରେ ଏକ ଗଛରେ ପିଟି ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ଦୁଇ ବନ୍ଧୁଙ୍କୁ ସ୍ଥାନୀୟ ଲୋକେ ଭଞ୍ଜନଗର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି । ଗତକାଲି ସକାଳେ ମୃତ ଦୁଇ ଜଣଙ୍କ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତ ଯୁବକ ଦୁଇ ଜଣଙ୍କ ଘର ଗାଂଗପୁର ଥାନା ଅଂଚଳରେ ବୋଲି ସୂଚନା ମିଳିଛି । ଏ ଦୁହିଁଙ୍କ ମଧ୍ୟରୁ ସଂଜୀବ ବେହେରା ସୈନ୍ୟ ବିଭାଗର ଜଣେ କର୍ମଚାରୀ ବୋଲି ଜଣାପଡିଛି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଶକ୍ତିଶ୍ରୀ' ଆପ୍ ଲୋକାର୍ପିତ

**ଭୁବନେଶ୍ୱର,୨।୫(ମହାଭାରତ):** ଜାତୀୟ ଶିକ୍ଷା ନୀତି (ଏନଇପି-୨୦୨୦) ର କାର୍ଯ୍ୟାନ୍ୱୟନ ନେଇ ସ୍ଥାନୀୟ କନଭେନସନ ସେଂଟର ଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ସ୍ତରୀୟ କର୍ମଶାଳାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର ଶୈକ୍ଷିକ ପରିବେଶରେ ଏକ 'ବୈପ୍ଳବିକ ପରିବର୍ତ୍ତନ'ର ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ' ଭାବେ ଗଢ଼ିତୋଳିବାକୁ ଏକ ଦୂରଦର୍ଶୀ ରୋଡ୍‌ମ୍ୟାପ୍ ଉପସ୍ଥାପନ କରିଛନ୍ତି ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବହୁ ବର୍ଷ ଧରି ଶିକ୍ଷା କ୍ଷେତ୍ରରେ ଥିବା ଜଡ଼ତାକୁ ଦୂର କରିବା ଆମ ସରକାରଙ୍କ ପ୍ରାଥମିକତା । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ପ୍ରଣୀତ ଏହି ଶିକ୍ଷା ନୀତି କେବଳ ଏକ ସରକାରୀ ଦସ୍ତାବିଜ୍ ନୁହେଁ, ବରଂ ଏହା ଭାରତକୁ ବିଶ୍ୱର 'ନଲେଜ୍ କ୍ୟାପିଟାଲ୍' ଭାବେ ପ୍ରତିଷ୍ଠିତ କରିବାର ଏକ ମହତ୍ ମିଶନ । ଶିକ୍ଷା କେବଳ ପୁସ୍ତକଗତ ଜ୍ଞାନ ନୁହେଁ, ବରଂ ଏହା ମାନବ ସଭ୍ୟତାର ପ୍ରଗତିର ମୂଳଦୁଆ । ଆମ ପିଲାମାନେ ଯେପରି 'ଇଣ୍ଡଷ୍ଟ୍ରି ରେଡି' ହେବେ ଏବଂ ବିଶ୍ୱସ୍ତରରେ ପ୍ରତିଯୋଗିତା କରିପାରିବେ, ସେଥିପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଶିକ୍ଷାକୁ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ଭାବେ ଦର୍ଶାଇ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ଶିକ୍ଷା କ୍ଷେତ୍ର ପାଇଁ ୪୧,୨୭୩ କୋଟି ଟଙ୍କାର ଏକ ବିଶାଳ ପାଣ୍ଠି ବ୍ୟୟବରାଦ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ମତରେ, ଏହି ପୁଞ୍ଜି ବିନିଯୋଗ ଓଡ଼ିଶାର ଯୁବପିଢ଼ିଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏକ ମଜବୁତ ମୂଳଦୁଆ ସଦୃଶ ହେବ । ଏହି ପଦକ୍ଷେପ ମାଧ୍ୟମରେ ରାଜ୍ୟର ଶିକ୍ଷା ଭିତ୍ତିଭୂମିକୁ ବିଶ୍ୱସ୍ତରୀୟ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ।

ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟକୁ ଦୂର କରିବା ପାଇଁ ସରକାର 'ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ୧୨,୦୦୦ କୋଟି ଟଙ୍କା ବ୍ୟୟ କରାଯାଉଥିବା ବେଳେ ରାଜ୍ୟର ୬,୭୯୪ଟି ଗ୍ରାମ ପଂଚାୟତରେ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ବିଦ୍ୟାଳୟ ପ୍ରତିଷ୍ଠା କରାଯିବ । ଏହି ବିଦ୍ୟାଳୟଗୁଡ଼ିକରେ ସହରାଂଚଳ ଭଳି ଉନ୍ନତ ଶ୍ରେଣୀଗୃହ, ବିଜ୍ଞାନାଗାର ଓ ଉନ୍ନତ କ୍ରୀଡ଼ା ସୁବିଧା ଉପଲବ୍ଧ ହେବ, ଯାହା ଗାଁର ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଜ ଅଂଚଳରେ ହିଁ ଗୁଣାତ୍ମକ ଶିକ୍ଷା ପାଇବାରେ ସହାୟକ ହେବ । ସରକାରଙ୍କର ଏହି ପଦକ୍ଷେପ ଗ୍ରାମାଂଚଳ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବ ବୋଲି ଆଶା କରାଯାଉଛି ।

ସାମାଜିକ ନ୍ୟାୟ ଏବଂ ସମାନତାକୁ ଗୁରୁତ୍ୱ ଦେଇ ସରକାର ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଯୁଗାନ୍ତକାରୀ ନିଷ୍ପତି ଗ୍ରହଣ କରିଛନ୍ତି । ଏଣିକି ଉଚ୍ଚଶିକ୍ଷା ନିମନ୍ତେ ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି । ଏହା ବ୍ୟତୀତ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଠପଢ଼ା ଛାଡ଼ିବା ହାର ବା 'ଡ୍ରପ୍-ଆଉଟ୍' ରୋକିବା ପାଇଁ 'ଶହୀଦ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା' ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସାମାଜିକ ସଂସ୍କାର ମୂଳକ ପଦକ୍ଷେପ ସମାଜର ଶେଷ ଧାଡ଼ିରେ ଥିବା ପିଲାମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଅନ୍ୟପଟେ, ଓଡ଼ିଆ ଅସ୍ମିତାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ଏବଂ ମାତୃଭାଷାରେ ଶିକ୍ଷାଦାନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ଅଭିନବ ପ୍ରୟାସ କରିଛନ୍ତି । ବୈଷୟିକ ଏବଂ ଉଚ୍ଚଶିକ୍ଷା ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ରାଜ୍ୟ ସରକାର ଇଗ୍ନୋ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି । ଏହାଦ୍ୱାରା ଭାଷାଗତ ପ୍ରତିବନ୍ଧକ ଦୂର ହେବା ସହ ଛାତ୍ରଛାତ୍ରୀମାନେ ନିଜ ମାତୃଭାଷାରେ ଜଟିଳ ବିଷୟଗୁଡ଼ିକୁ ସହଜରେ ବୁଝିପାରିବେ । ଏହି ସମସ୍ତ ପଦକ୍ଷେପ ଓଡ଼ିଶାକୁ ଆଗାମୀ ଦିନରେ ଦେଶର ଶ୍ରେଷ୍ଠ 'ଜ୍ଞାନ ଭିତିକ ସମାଜ' ଭାବେ ଗଢ଼ିତୋଳିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।




କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓଡ଼ିଶାର ଐତିହ୍ୟ ଓ ପରମ୍ପରାକୁ ଉଚ୍ଚ ପ୍ରଶଂସା କରି କହିଛନ୍ତି ଯେ, ସମଗ୍ର ଭାରତ ବର୍ଷରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ଯେଉଁଠାରେ ସଂସ୍କୃତି ଓ ଶିକ୍ଷାର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ଆଦିକବି ସାରଳା ଦାସ, ବ୍ୟାସକବି ଫକୀରମୋହନ ଓ ସନ୍ଥକବି ଭୀମ ଭୋଇଙ୍କ ଭଳି ମହାପୁରୁଷଙ୍କ ଦର୍ଶନ ଓଡ଼ିଶାକୁ ଏକ ସଭ୍ୟ ସମାଜ ଭାବେ ବିଶ୍ୱ ଦରବାରରେ ପରିଚିତ କରିଛି । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ନେଇ ଏକ ନୂତନ ଦିଗଦର୍ଶନ ପ୍ରଦାନ କରିଛନ୍ତି । ଏହି କର୍ମଶାଳା କେବଳ ଏକ ଆଲୋଚନା ଚକ୍ର ନୁହେଁ, ବରଂ ଏହା ବିକଶିତ ଓଡ଼ିଶା ଗଠନ ପାଇଁ ଏକ 'ଚିନ୍ତନ ଶିବିର' ବୋଲି ସେ ମତ ପ୍ରକାଶ କରିଛନ୍ତି । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶିକ୍ଷା କ୍ଷେତ୍ରରେ ହୋଇଥିବା ପ୍ରଗତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟ ସରକାର ପିଏମ୍ ଉଷା ଯୋଜନା ମାଧ୍ୟମରେ ୭୦୦ କୋଟିରୁ ଅଧିକ ଅନୁଦାନ ପାଇବାରେ ସଫଳ ହୋଇଛନ୍ତି ।

# ମାଟ୍ରିକ୍ ପାସ୍ ହାର ୯୫.୩୩ %

**ଭୁବନେଶ୍ୱର,୨।୫(ମହାଭାରତ):** ପ୍ରକାଶ ପାଇଲା ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଫଳ । ରାଜ୍ୟରେ ଚଳିତ ବର୍ଷ ୫ ଲକ୍ଷ ୩୬ ହଜାର ୩୦୬ ଜଣ ରେଗୁଲାର୍ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ୫ ଲକ୍ଷ ୧୯ ହଜାର ୨୫୧ ଜଣ ପାସ୍ ହୋଇଛନ୍ତି । ଚଳିତଥର ପାସ୍ ହାର ୯୫.୩୩ % ରହିଛି । ସେହିପରି ଛାତ୍ରଙ୍କ ପାସ୍ ହାର ୯୪.୦୩ % ଥିବାବେଳେ ଛାତ୍ରୀଙ୍କ ପାସ୍ ହାର ୯୬.୩୭ % ରହିଛି । ରାଜ୍ୟର ୩୩୧୦ ସ୍କୁଲରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି ।



ଚଳିତ ବର୍ଷ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ଫଳ ପ୍ରକାଶନ ଅବସରରେ କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଉପସ୍ଥିତ ରହି ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ଚଳିତ ବର୍ଷ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ସାର୍ଟିଫିକେଟ୍ ଉପଲବ୍ଧ ହେବ ବୋଲି ଘୋଷଣା କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ । ଫଳ ପ୍ରକାଶନ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା ଏନ୍. ତିରୁମାଲା ନାୟକ, ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ, ଉପସଭାପତି ଅମୂଲ୍ୟ କୁମାର ପ୍ରଧାନ, ସଚିବ ସରୋଜ କୁମାର ବେହେରା, କଣ୍ଟ୍ରୋଲର୍ ଧରଣୀଧର ପାତ୍ରୋ ଉପସ୍ଥିତ ଥିଲେ ।

ଚଳିତବର୍ଷ ରେଗୁଲାରରେ ୫ ଲକ୍ଷ ୪୪ ହଜାର ୬୭୦ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ୫ ଲକ୍ଷ ୩୬ ହଜାର ୩୦୭ ଜଣ ରେଗୁଲାର୍ ପରୀକ୍ଷା ଦେଇଥିଲେ । ସେଥିମଧ୍ୟରୁ ୫ ଲକ୍ଷ ୧୯ ହଜାର ୨୫୧ ଜଣ ଛାତ୍ରଛାତ୍ରୀ ପାସ୍ ହୋଇଛନ୍ତି । ଏଥିରେ ଏ୧ ଗ୍ରେଡ୍ ରେ ୨୪୫୬ , ଏ୨ ଗ୍ରେଡ୍ ରେ ୧୫,୬୮୧, ବି୧ ଗ୍ରେଡ୍ ରେ ୪୩,୫୬୫ ଜଣ, ବି୨ ଗ୍ରେଡ୍ ରେ ୮୬,୧୦୩ ଜଣ, ସି ଗ୍ରେଡ୍ ରେ ୧ ଲକ୍ଷ ୨୯ ହଜାର ୮୧୩ ଜଣ ପାସ୍, ଡି ଗ୍ରେଡ୍ ରେ ୧ ଲକ୍ଷ ୪୬ ହଜାର ୧୫୨ ଜଣ, ଇ ଗ୍ରେଡ୍ ରେ ୯୫,୪୮୧ ରେ ହୋଇଛନ୍ତି । ସେହିପରି ମଧ୍ୟମାରେ ୩୩୫୮ ଜଣ ଫର୍ମ ପୂରଣ କରିଥିବା ବେଳେ ୨୯୮୨ ଜଣ ପରୀକ୍ଷା ଦେଇଥିଲେ । ମଧ୍ୟମାରେ ପାସ୍ ହାର ରହିଛି ୮୭.୩ % । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ରେ ୧୦୦୪୩ ଜଣ ପରୀକ୍ଷା ଦେଇଥିବା ବେଳେ ୭୪୦୫ ଜଣ ପାସ୍ କରିଛନ୍ତି । ପାସ୍ ହାର ୫୯.୮୨ % ରହିଛି ।

ଗଜପତି ଜିଲ୍ଲାରେ ସର୍ବାଧିକ ୯୯.୩୧ ପ୍ରତିଶତ ପାସ୍ ହାର ରହିଥିବା ବେଳେ କେନ୍ଦୁଝରରେ ସର୍ବନିମ୍ନ ୯୪.୩୫ ପ୍ରତିଶତ ପାସ୍ ହାର ରହିଛି । ସେହିଭଳି କଟକରେ ପାସ୍ ?ହାର ରହିଛି ୯୭.୨୨ % । ଜଗତସିଂହପୁରରେ ୯୭.୮୯ %, ଯାଜପୁରରେ ୯୪.୬୨ %, କେନ୍ଦ୍ରାପଡାରେ ୯୫.୯୭%, ରାୟଗଡାରେ ୯୬.୫%, ମାଲକାନଗିରିରେ ୯୫.୬୨ %, ନବରଙ୍ଗପୁର ରେ ୯୭.୪ % ଛାତ୍ରଛାତ୍ରୀ ପାସ୍? କରିଛନ୍ତି । ସେହିଭଳି, ଅନଗୁଳରେ ୯୫.୫୫ %, ଢେଙ୍କାନାଳରେ ୯୪.୫୩ %, ପୁରୀରେ ୯୬.୮ %, ଖୋର୍ଦ୍ଧାରେ ୯୭.୧୭%, ନୟାଗଡ଼ରେ ୯୬.୬୮ %, ବାଲେଶ୍ୱରରେ ୯୭.୭୧ %, ଭଦ୍ରକରେ ୯୬.୦୧%, କୋରାପୁଟରେ ୯୬.୫୮ %, ମୟୂରଭଞ୍ଜରେ ୯୭.୫୨% ପାସ୍‌ହାର ରହିଛି ।

## ନବଜାତ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

**ଧର୍ମଶାଳା,୨।୫(ମହାଭାରତ):** ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରସୂତି ବିଭାଗରେ ନବଜାତ ଶିଶୁ ମୃତ୍ୟୁକୁ ନେଇ ଉତେଜନା ଦେଖା ଦେଇଛି । ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ହୋଇଥିବା ଅଭିଯୋଗ କରିଛନ୍ତି ମୃତ ଶିଶୁର ପରିବାର ଲୋକେ । ଗତ ୩୦ ତାରିଖ ସନ୍ଧ୍ୟାରେ ଭଣ୍ଡାରିପୋଖରୀ ବ୍ଲକ କୁମ୍ଭାରିଆ ଗ୍ରାମର କୈଳାଶ ଚନ୍ଦ୍ର ଓଝାଙ୍କ ପତ୍ନୀ ରଶ୍ମିତା ସୂତାର(୨୪)ଙ୍କୁ ପ୍ରସୂତି ବିଭାଗରେ ଭର୍ତି କରାଯାଇଥିବା ବେଳେ ଶୁକ୍ରବାର ସକାଳ ୧୦ଟା ସମୟରେ ରଶ୍ମିତାଙ୍କ ଅସ୍ତ୍ରୋପଚାର କରାଯାଇ ଶିଶୁ ଜନ୍ମ ହୋଇଥିଲା । ଶିଶୁ ଗୁରୁତର ଥିବା କହି କଟକ ସ୍ଥାନାନ୍ତର କରାଯାଇଥିଲା । ପରେ ପ୍ରସୂତି ମହିଳାଙ୍କୁ ମଧ୍ୟ କଟକ ସ୍ଥାନାନ୍ତରିତ କରାଯାଇଥିଲା । କଟକରେ ଶିଶୁକୁ ମୃତ ଘୋଷଣା ପରେ ଆଜି ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୃତ ଶିଶୁକୁ ଧରି ପରିବାର ଲୋକେ ନ୍ୟାୟ ଦାବି କରିବା ସହ ମେଡିକାଲ ପରିସରରେ ଭଙ୍ଗାରୁଜା କରିଥିବା ଦେଖିବାକୁ ମିଳିଛି । ପ୍ରସୂତି ବିଭାଗରେ ଉତେଜନା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଯାଜପୁର ପୋଲିସ ମୁତୟନ ହୋଇଛନ୍ତି । ଦୀର୍ଘ ସମୟ ଉତେଜନା ଦେଖା ଦେବା ପରେ ପୋଲିସ ଓ ଡାକ୍ତର ବୁଝା ସୁଝା କରିଥିଲେ କିନ୍ତୁ ଉଚିତ ନ୍ୟାୟ ନ ମିଳିବାରୁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ମୃତ ଶିଶୁର ପରିବାର ଲୋକେ । ଜିଲ୍ଲାପାଳ ବୁଝା ସୁଝା କରିବା ପରେ ମୃତ ଶିଶୁକୁ ବ୍ୟବଚ୍ଛେଦ କରାଯାଇଥିଲା । ପରିବାର ଲୋକେ ଘରକୁ ଫେରିଥିଲେ ।



ମମତାଙ୍କୁ ସୁପ୍ରିମୋକୋର୍ଟ ଝଟ୍‌କା

## ଭୋଟ ଗଣତି ଅଧିକାର ନିର୍ବାଚନ କମିଶନଙ୍କର

**ନୂଆଦିଲ୍ଲୀ,୨।୫(ମହାଭାରତ):** ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ବେଳେ ମମତା ବାନାର୍ଜୀଙ୍କ ଟିଏମ୍ସି ଏବଂ ବିଜେପି ଭିତରେ କଣ୍ଟା ଟକ୍କର ଦେଖିବାକୁ ମିଳିଥିଲା । ଦୁଇଟି ପର୍ଯ୍ୟାୟରେ ଭୋଟିଂ ଶେଷ ହେବା ପରେ ଏବେ ଟିଏମସିର ଲଢେଇ ନିର୍ବାଚନ କମିଶନ୍ ସହ ଆରମ୍ଭ ହୋଇସାରିଛି । ମମତାଙ୍କ ପାର୍ଟି ଭୋଟ୍ ଗଣତି ପାଇଁ ସୁପରଭାଇଜର ଓ ସହାୟକ ଭାବରେ କେନ୍ଦ୍ର ସରକାର ଓ ପିଏସୟୁ କର୍ମଚରୀଙ୍କ ମୁତୟନ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପାଇଁ ଆଇନଗତ ଲଢେଇ କରିଛି । କୋଲକାତା ହାଇକୋର୍ଟରେ ଆବେଦନ ଖାରଜ ହେବାପରେ ଏହି ମାମଲାରେ ସୁପ୍ରିମକୋର୍ଟରେ ଶୁଣାଣି ଚାଲିଛି । ସୁପ୍ରିମକୋର୍ଟ ଶନିବାର ଶୁଣାଣି ବେଳେ ଏହା ସ୍ପଷ୍ଟ କରିଛନ୍ତି ଯେ, ନିର୍ବାଚନ କମିଶନଙ୍କ ପାଖରେ ଏହି କଥାର ସ୍ୱତନ୍ତ୍ର ଅଧିକାର ରହିଛି ଯେ, ଜନଗଣନା ପାଇଁ କେଉଁ ଅଧିକାରୀଙ୍କୁ ଚୟନ କରିବ । ଜଷ୍ଟିସ୍ ବାଗଚୀ କହିଛନ୍ତି । ଏହି ବିକଳ୍ପ ଖୋଲା ରହିଛି ଯେ ଭୋଟ ଗଣତି ସୁପରଭାଇଜର ଓ ଗଣନା ସହାୟକ କେନ୍ଦ୍ର ସରକାରଙ୍କ ହୋଇପାରେ କିମ୍ବା ରାଜ୍ୟ ସରକାରଙ୍କ । ଏଥିପାଇଁ ଯେତେବେଳେ ବିକଳ୍ପ ଖୋଲା ରହିଛି ତେବେ ଏହା ମାନି ହେବନି ଯେ, ନୋଟିଫିକେସନ୍ ନିୟମର ବିପରୀତ ରହିଛି ।'ସୁପ୍ରିମକୋର୍ଟ ଏହି ଟିପ୍ପଣୀ ପରେ ଟିଏମସି ନିଜର ଆଭିମୁଖ୍ୟରେ ୟୁ-ଟର୍ନ ନେଇ ନିର୍ବଚନ କମିଶନଙ୍କ ସର୍କୁଲାରକୁ କଡାକଡି ଭାବରେ ଲାଗୁ କରିବାର ଦାବି କରିଛି । ଏହାର ଜବାବରେ କମିଶନ୍ କୋର୍ଟଙ୍କୁ ଆଶ୍ୱାସନା ଦେଇଛି ଯେ, ଗାଇଡଲାଇନକୁ ଠିକ୍ ଭାବରେ ପାଳନ କରାଯାଉଛି । ଉଲ୍ଲେଖନୀୟ ଯେ, ଏହି ଆବେଦନ ଉପରେ ଶୁଣାଣି ପାଇଁ ଜଷ୍ଟିସ୍ ପମିଦିଘଟମ୍ ନରସିହ୍ମା ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରାଯାଇଛି । ସୁପ୍ରିମକୋର୍ଟରେ ଟିଏମସି ପକ୍ଷରୁ କେସ୍ ଲଢୁଛନ୍ତି ବରିଷ୍ଠ ଆଇନଜୀବୀ କପିଲ୍ ସିବଲ୍ । ସେ ସୁପ୍ରିମକୋର୍ଟଙ୍କ ଆଗରେ ୪ଟି ମୁଖ୍ୟ ଅଭିଯୋଗ ରଖିଛନ୍ତି ।



# ଅମୃତ ୨.୦ କାର୍ଯ୍ୟକାରୀରେ ଶୀର୍ଷ ରାଜ୍ୟମଧ୍ୟରେ ଓଡ଼ିଶା

**ଭୁବନେଶ୍ୱର,୨।୫(ମହାଭାରତ):** ଅଟଳ ନବୀକରଣ ଏବଂ ସହର ରୂପାନ୍ତରଣ ମିଶନ (ଅମୃତ) ୨.୦ ଅଧୀନରେ ଓଡ଼ିଶା ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ମାନଙ୍କ ମଧ୍ୟରେ ନିଜକୁ ସ୍ଥାପିତ କରିଛି । ରାଜ୍ୟ ସରକାରଙ୍କ ଦୃଢ଼ ନେତୃତ୍ୱ ଏବଂ ସୁଶାସନ ମାଧ୍ୟମରେ ସହରାଂଚଳ ଜଳ ନିରାପତା ଏବଂ ଭିତିଭୂମି ବିକାଶ କ୍ଷେତ୍ରରେ ଏକ ରୂପାନ୍ତରଣକାରୀ ପଦକ୍ଷେପ ଗ୍ରହଣ କରାଯାଇଛି ।

କ୍ଷେତ୍ରସ୍ତରରେ ସଫଳତା ପ୍ରଦାନ ପାଇଁ ସରକାରଙ୍କ ସ୍ପଷ୍ଟ ରାଜନୈତିକ ପ୍ରତିବଦ୍ଧତା ଯୋଗୁଁ ରାଜ୍ୟର ୮୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାରେ 'ଅମୃତ ୨.୦'ର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇଛି । ସାର୍ବଜନୀନ ଜଳ ଯୋଗାଣ ଏବଂ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେଇ ୪,୦୩୦.୧୮ କୋଟି ଟଙ୍କାର ବ୍ୟୟ ଅଟକଳରେ ୩୪୫ଟି ପ୍ରକଳ୍ପ ଆରମ୍ଭ କରାଯାଇଛି । ସମୟାନୁବର୍ତୀ କାର୍ଯ୍ୟ ଏବଂ ଉତରଦାୟିତ୍ୱ ଉପରେ ସରକାର ଦେଉଥିବା ଗୁରୁତ୍ୱର ପ୍ରତିଫଳନ ସ୍ୱରୂପ ୧୦୭ଟି ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇସାରିଛି । ବାକି ପ୍ରକଳ୍ପଗୁଡ଼ିକର ଅଗ୍ରଗତିକୁ ଉଚ୍ଚସ୍ତରରେ ନିୟମିତ ମନିଟରିଂ କରାଯାଉଛି ।

ସହର ବିକାଶ କାର୍ଯ୍ୟସୂଚୀରେ ଜଳ ନିରାପତାକୁ ପ୍ରାଥମିକତା ଦେଇ ସରକାର ବାସ୍ତବିକ ଫଳାଫଳ ପ୍ରଦାନ କରିଛନ୍ତି । ୪୩ ଏମ୍.ଏଲ୍‌ଡି କ୍ଷମତା ବିଶିଷ୍ଟ ସାତଟି ନୂତନ ଜଳ ବିଶୋଧନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ହୋଇଛି, ଯାହାଦ୍ୱାରା ପ୍ରାୟ ୨.୮୩ ଲକ୍ଷ ନାଗରିକ ଉପକୃତ ହେଉଛନ୍ତି । ପ୍ରମୁଖ ସହରାଂଚଳରେ ୨୪ଘଂ୭ ଜଳ ଯୋଗାଣ ବ୍ୟବସ୍ଥା ଏବଂ ୨.୭ ଲକ୍ଷରୁ ଅଧିକ ପରିବାରକୁ ପାଇପ୍ ଯୋଗେ ଜଳ ସଂଯୋଗ ଯୋଗାଇ ଦିଆଯାଇଛି । ଏହାଦ୍ୱାରା ୫ ଲକ୍ଷରୁ ଅଧିକ ସହରବାସୀ ନିରାପଦ ପାନୀୟ ଜଳ ପାଇପାରୁଛନ୍ତି, ଯାହା ସାର୍ବଜନୀନ ଜଳ ସଂଯୋଗ ଦିଗରେ ଏକ ବଡ଼ ପଦକ୍ଷେପ । ସରକାରଙ୍କ ସମାବେଶୀ ଆଭିମୁଖ୍ୟକୁ ଦର୍ଶାଇ 'ଅମୃତ ମିତ୍ର' ଏବଂ 'ୱିମେନ୍ ଫର ଟ୍ରି' ଭଳି ପଦକ୍ଷେପ ମାଧ୍ୟମରେ ବ୍ୟାପକ ଜନଭାଗିଦାରୀ ସୃଷ୍ଟି କରାଯାଇଛି । ଏହାଦ୍ୱାରା ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପରିବେଶ ସ୍ଥିରତା କ୍ଷେତ୍ରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ନେତୃତ୍ୱ ନେବା ପାଇଁ ସଶକ୍ତ କରାଯାଇଛି । 'ପେୟ ଜଳ ସର୍ବେକ୍ଷଣ' ଏବଂ 'ଜଳ ହିଁ ଅମୃତ' ଭଳି ଜାତୀୟ କାର୍ଯ୍ୟକ୍ରମ ସହ ସମନ୍ୱୟ ରକ୍ଷା କରି ଦକ୍ଷ ଜଳ ପରିଚାଳନା ଏବଂ ଜଳର ପୁନଃ ବ୍ୟବହାରକୁ ପ୍ରୋତ୍ସାହିତ କରାଯାଉଛି । ସଂସ୍କାରମୂଳକ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରି ରାଜ୍ୟ ସରକାର ଅଭିନବ ଆର୍ଥିକ କୌଶଳ ମାଧ୍ୟମରେ ସହରାଂଚଳ ରୂପାନ୍ତରଣକୁ ବ୍ୟାପକ କରୁଛନ୍ତି । 'କ୍ରେଡିଟ୍ ଏନହାନସମେଣ୍ଟ ଇନିସିଏଟିଭ୍' ଅଧୀନରେ ଛୋଟ ସହରାଂଚଳ ପାଇଁ ୭୦.୨୭ କୋଟି ଟଙ୍କାର ୧୬ଟି ପ୍ରକଳ୍ପ ପ୍ରସ୍ତୁତ କରାଯାଇଛି । ଏହାବ୍ୟତୀତ ଭୁବନେଶ୍ୱର, କଟକ, ସମ୍ବଲପୁର ଏବଂ ବ୍ରହ୍ମପୁର ଭଳି ପ୍ରମୁଖ ସହରଗୁଡ଼ିକ ପାଇଁ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ୩,୦୩୦.୬୧ କୋଟି ଟଙ୍କାର ପାଂଚଟି ବୃହତ ଭିତିଭୂମି ପ୍ରକଳ୍ପ ଦାଖଲ କରାଯାଇଛି ।

अमृत 2.0
Atal Mission for Rejuvenation and Urban Transformation

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଓଡ଼ିଶାର ଏହି ଜାତୀୟ ସଫଳତା ସରକାରଙ୍କ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ସଠିକ୍ ନୀତି ଏବଂ ସଫଳ କାର୍ଯ୍ୟାନ୍ୱୟନର ପରିଣାମ ।

## ମାଛ ଚମଚମ

ଆବଶ୍ୟକ ସମାଗ୍ରୀ: ମାଛ , ବେସନ, ଚାଉଳ ଚୂନା, କଟା କଞ୍ଚାଲଙ୍କା, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ, କଟା କଞ୍ଚାଲଙ୍କା, କଟା ପିଆଜ , ଅଦା ପିଆଜ ଶୁଖିଲାଲଙ୍କା ପେଷ୍ଟ , କାଜୁ ,ଟମାଟୋ ଓ ଦହି।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ମାଛକୁ ଭଲ ଭାବେ ଧୋଇ ଲୁଣ ଓ ହଳଦୀରେ ଗୋଳାଇ ଭାଜି ଦିଅନ୍ତୁ। ଏବେ ଭଜା ମାଛରୁ କଣ୍ଟା କାଢି ସେଥିରେ ବେସନ , ଚାଉଳ ଚୂନା , କଟା କଞ୍ଚାଲଙ୍କା , ଜିରା ଗୁଣ୍ଡ, ଧନିଆ ଗୁଣ୍ଡ , ହଳଦୀ ଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ଚକଟି ଦିଅନ୍ତୁ।

ଏବେ କଡ଼େଇରେ ତେଲ ଗରମ କରି ଗୋଳା ମାଛ ଚକଟାକୁ ଗୋଲ ଗୋଲ କରି ଛାଣି ଦିଅନ୍ତୁ। ଏହା ପରେ ଗରମ ତେଲରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲେ ସେଥିରେ ଅଦା, ପିଆଜ ଓ ଶୁଖିଲାଲଙ୍କା ପେଷ୍ଟ ପକାନ୍ତୁ। ମସଲା କଷି ହୋଇ ଆସିଲେ ସେଥିରେ କାଜୁ , ଟମାଟୋ ଓ ଦହି ବଟା ପକାଇ ଭଲ ଭାବେ କଷନ୍ତୁ। ମସଲା ପ୍ରସ୍ତୁତ ହୋଇଗଲେ ସେଥିରେ ଭଜା ମାଛ ବରାକୁ ପକାନ୍ତୁ। ଦୁଇରୁ ତିନି ମିନିଟ ପରେ ପ୍ରସ୍ତୁତ ହୋଇଯିବ ମାଛ ଚମଚମ ।



ଖବର

## ଖୁସି ଖବର ଦେଲେ ବିଗ୍ ବସ୍ ୧୭ ବିଜେତା ମୁନାୱ୍ୱର





ବାପା ହେଲେ ବିଗ୍ ବସ୍ ୧୭ ବିଜେତା ତଥା ଷ୍ଟାଣ୍ଡ-ଅପ୍ କମେଡିଆନ୍ ମୁନାୱ୍ୱର ଫାରୁକି । ମୁନାୱ୍ୱରଙ୍କ ପତ୍ନୀ ମହଜବିନ୍ କୋଟାୱ୍ୱାଲା ଏକ ଶିଶୁ କନ୍ୟାକୁ ଜନ୍ମ ଦେଇଛନ୍ତି । ମୁନାୱ୍ୱର ଗତକାଲି ସୋସିଆଲ ମିଡିଆରେ ତାଙ୍କ ଫ୍ୟାନ୍ସଙ୍କ ସହ ଏହି ଖୁସି ଖବର ସେୟାର କରିଛନ୍ତି ।ମୁନାୱ୍ୱର ତାଙ୍କ ନବଜାତ ଶିଶୁ ଏବଂ ପତ୍ନୀ ମହଜବୀନ୍ ସହ ହସ୍ପିଟାଲରୁ ଫଟୋ ସେୟାର କରି କ୍ୟାପସନ ଦେଇଛନ୍ତି, ମୁଁ ଆଶୀର୍ବାଦ ଅନୁଭବ କରୁଛି । ଘରକୁ କୁନି ଅତିଥି ଆସିଛନ୍ତି । ଆଲହାମଦୁଲିଲ୍ଲାହ ।ଏହି ଖୁସି ଖବର ପରେ ସେଲିବ୍ରିଟି ସମେତ ଫ୍ୟାନ୍ସ ମୁନାୱ୍ୱରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ବରୁଣ ଧୱନ, ଅଲି ଗୋନି, ଗୌହର ଖାନ, ଜନ୍ନତ ଜୁବୈର, ସୋନାଲି ବେନ୍ଦ୍ରେ, କ୍ରିଷ୍ଟଲ ଡିସୁଜା, ଧନଶ୍ରୀ, ମିଷ୍ଟର ଫୈସୁ, ମାହି ଭିଜ, ପୁନମ ପାଣ୍ଡେ, ଦିଗବିଜୟ ରାଠି ସମେତ ଅନେକ ଷ୍ଟାର ଏହି ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।ସୂଚନାଯୋଗ୍ୟ, ବିଗବସ୍ ୧୭ ଟ୍ରଫି ବିଜେତା ମୁନାୱ୍ୱର ୨୦୨୪ରେ ମେହଜବିନଙ୍କ ପୂର୍ବରୁ ଜାସ୍ମିନଙ୍କୁ ବିବାହ କରିଥିଲେ । ତାଙ୍କର ମିକାଇଲ ନାମକ ଏକ ପୁଅ ମଧ୍ୟ ରହିଛନ୍ତି । ତାଙ୍କ ସ୍ତ୍ରୀ ମେହଜବିନ କୋଟୱାଲାଙ୍କର ମଧ୍ୟ ତାଙ୍କ ପୂର୍ବ ବିବାହରୁ ଏକ ଝିଅ ଅଛି । ମୁନାୱ୍ୱର ୨୬ ମେ ୨୦୨୪ରେ ମେହଜବିନଙ୍କୁ ବିବାହ କରିଥିଲେ । ଏହା ତାଙ୍କର ଦ୍ୱିତୀୟ ବିବାହ ।

## ଖଟ ତଳେ ରଖନ୍ତୁ ଏସବୁ ଜିନିଷ ଦୂର କରିବ ଅନେକ ସମସ୍ୟା

ଜନ୍ମ କୁଣ୍ଡଳୀରେ ଗ୍ରହ ଭଲ ସ୍ଥିତିରେ ଥିଲେ ଜୀବନରେ ସୁଖଶାନ୍ତି ବଜାୟ ରହେ। ସେହିପରି ଗ୍ରହ ଖରାପ ସ୍ଥିତିରେ ରହିଲେ ଦୁର୍ଭାଗ୍ୟ ମାଡିଆସେ। ଗ୍ରହ ଦୋଷ କାରଣରୁ ଜୀବନରେ ନାନା ସମସ୍ୟା ଦେଖାଯିବା ସହ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଖଟ ବା ବିଛଣା ତଳେ ଗ୍ରହ ଜଡିତ ଜିନିଷକୁ ରଖିଦେଲେ ଗ୍ରହ ଶାନ୍ତ ରହେ । ଯଦି ଆପଣ ମଧ୍ୟ କୌଣସି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତେବେ ଗ୍ରହ ସହ ଜଡିତ ଉପାୟକୁ ଆପଣେଇ ସମସ୍ୟା ଦୂର କରିପାରିବେ ।

◆ କୁଣ୍ଡଳୀରେ ସୂର୍ଯ୍ୟ ଦୋଷ ଥିଲେ ଖଟ ତଳେ ତମ୍ବା ପାତ୍ରରେ ପାଣି ଭରିକରି ରଖନ୍ତୁ । ତକିଆ ତଳେ ଲାଲ ଚନ୍ଦନର ଛୋଟ ଖଣ୍ଡ ରଖିଦିଅନ୍ତୁ । କୁଣ୍ଡଳୀରେ ସୂର୍ଯ୍ୟ ଦୋଷର ପ୍ରଭାବ ଦୂର ହୋଇଯିବ ।

◆ କୁଣ୍ଡଳୀରେ ଚନ୍ଦ୍ର ଦୋଷ ଥିଲେ ଖଟ ତଳେ ରୂପା ପାତ୍ରରେ ପାଣି ଭରି କରି ରଖନ୍ତୁ ଅବା ରୂପାର ଅଳଙ୍କାର ରଖିଦିଅନ୍ତୁ । ଚନ୍ଦ୍ରଙ୍କ କୋପଦୃଷ୍ଟି ଦୂର ହୋଇଯିବ ।

◆ କୁଣ୍ଡଳୀରେ ମଙ୍ଗଳ ଦୋଷ ଥିଲେ ଖଟ ତଳେ କଂସା ପାତ୍ରରେ ପାଣି ଭରି ରଖିଦିଅନ୍ତୁ । ଏପରି କରିବା ଦ୍ୱାରା ମଙ୍ଗଳ ଦୋଷ ଦୂର ହୁଏ ।

◆ କୁଣ୍ଡଳୀରେ ଗୁରୁ ଦୋଷ ଭୋଗୁଥିଲେ ତକିଆ ତଳେ ଏକ କପଡାରେ ଗୋଟା ହଳଦୀର ବାନ୍ଧି ରଖିଦିଅନ୍ତୁ । ହଳଦୀ ଗୁରୁଦୋଷ ପ୍ରଭାବ ଦୂର କରିବାରେ ସହାୟକ ହୋଇଥାଏ ।



## ମୁଣ୍ଡବିନ୍ଧା ଓ ନିଦ୍ରାଜନିତ ରୋଗର ସରଳ ଉପଚାର

ଅନେକ ଲୋକ ଅବସାଦ, ନିଦ୍ରାଜନିତ ସମସ୍ୟା ଓ ମୁଣ୍ଡବିନ୍ଧା ଭଳି ଯୁଝି ହେଉଛନ୍ତି । ଅବଶ୍ୟ ଏହା ଖୁବ୍ ସାଧାରଣ ଅଟେ । ଏଥିଲାଗି ଆମେ ଅନେକ ପ୍ରକାରର ସମାଧାନ ପନ୍ଥା ଗ୍ରହଣ କରିଥାଉ । ଖାଲି ସେତିକି ନୁହେଁ, ଆମେ ଔଷଧ ବି ସେବନ କରିଥାଉ । ହେଲେ ଆମେ ଭୁଲି ଯାଇଥାଉ ଯେ ଏଥିରୁ ମୁକ୍ତି ପାଇବା ଲାଗି ଆମ ରୋଷେଇ ଘରେ ଏମିତି ଜିନିଷ ଅଛି ଯାହା ଅବସାଦ, ନିଦ୍ରାଜନିତ ସମସ୍ୟା ଓ ମୁଣ୍ଡବିନ୍ଧା ଭଳି ପୀଡ଼ାରୁ ରକ୍ଷା କରିବ ।

ଏଭଳି ତିନିଟି ଜିନିଷ ହେଲା ଅଦା, ଲେମ୍ବୁ ଏବଂ ପୋଦିନା ଯାହା, ଆମ ରୋଷେଇ ଘରେ ଥାଏ । ଏହି ସାମଗ୍ରୀର ଉପଯୋଗରେ ଆମେ ଏକ ଶାରୀରିକ ସମସ୍ୟାର ସମାଧାନ କରିପାରିବା ।



ମୁଣ୍ଡବିନ୍ଧା ସମସ୍ୟା ଲାଗି ଅଦାଠାରୁ ଆଉ କୌଣସି ଭଲ ଜିନିଷ ନାହିଁ । ଏଥିପାଇଁ ଆପଣଙ୍କୁ ଅଦାକୁ ନେଇ ତାହାକୁ ପାଣିରେ ମିଶାଇ ଭଲ ଭାବରେ ଫୁଟାଇବାକୁ ହେବ । ଏହାପରେ ଆପଣ ଏହାକୁ ଛାଣିକରି ଏହାର ପାଣିକୁ ସେବନ କରନ୍ତୁ ।

ଯଦି ଆପଣ ମୁଣ୍ଡବିନ୍ଧାଜନିତ ସମସ୍ୟା ପାଇଁ ଚିନ୍ତିତ ରହୁଥାନ୍ତି, ତେବେ ଆପଣ କିଛି ଅଦାର ରସ ସହିତ ଲେମ୍ବୁ ରସକୁ ମିଳାଇ ଏହାକୁ ଦିନକୁ ଦୁଇ ଥର ଭାବରେ ସେବନ କରନ୍ତୁ । ତୁରନ୍ତ ଆପଣ ମୁଣ୍ଡବିନ୍ଧା ସମସ୍ୟାରୁ ମୁକ୍ତି ପାଇଯିବେ ।

ଏଥିସହିତ ଯେତେବେଳେ ଆପଣ ମୁଣ୍ଡବିନ୍ଧା ହେଉଥିବାର ଅନୁଭବ କରୁଛନ୍ତି, ସେତେବେଳେ ଆପଣ ପୋଦିନା ପତ୍ରର ରସକୁ ମୁଣ୍ଡରେ ଲଗାଇ ଦିଅନ୍ତୁ । ଏହା କରିବା ଦ୍ୱାରା ମୁଣ୍ଡବିନ୍ଧା ଦୂର ହୋଇଯିବ । ଏସବୁ ଘରୋଇ ଉପଚାର ଦ୍ୱାରା ନିଶ୍ଚିତ ଭଲ ମିଳିବ ।


## ନିମିଙ୍କ ଶରୀର ମନ୍ଥନରୁ ଜନକଙ୍କ ଜନ୍ମ



ରାଜା ନିମି ଓ ମହର୍ଷି ବଶିଷ୍ଠ ଉଭୟେ ଉଭୟଙ୍କୁ ଅଭିଶାପ ଦେବା ପରେ ଏଥିରୁ ମୁକ୍ତି ପାଇବା ପାଇଁ ମହର୍ଷି ବଶିଷ୍ଠ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା କହିଲେ, ବସ୍ତ ! ତୁ ବ୍ରହ୍ମଜ୍ଞାନୀ ଓ ମୋର ମାନସପୁତ୍ର ହୋଇ କ୍ରୋଧରେ ଅଜ୍ଞାନ ହୋଇ ନିର୍ଦ୍ଦୋଷ ରାଜାଙ୍କୁ ଅଭିଶପ୍ତ କଲୁ । ତୁ ବ୍ରାହ୍ମଣ ହୋଇ ନିଜର ହିତାହିତ ବିଚାରକୁ ପାସୋରି ଦେଲୁ। ତୁ ଲୋଭାସକ୍ତ ହୋଇ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ କରିବାକୁ ଗଲୁ । ନିମି କେତେ ବ୍ରହ୍ମରଷିଙ୍କୁ ନିମନ୍ତ୍ରଣ କରିଥିଲେ । ସେମାନେ କ'ଣ ତୋତେ ଅପେକ୍ଷା କରିଥାନ୍ତେ ? ତୁ ଯେପରି କର୍ମ କରିଛୁ ସେହିପରି ଫଳପ୍ରାପ୍ତି ହେଲୁ । ଏବେ ମୋର ଆଜ୍ଞା ମାନି ମିତ୍ର ବରୁଣଙ୍କପୁରକୁ ଯାଇ ତାଙ୍କ କୁମ୍ଭରେ ବୁଡ଼ିକରି ଆସିବୁ । ତାହା ହେଲେ, ତୋ ବ୍ରହ୍ମଜ୍ଞାନ ତୋ ନିକଟକୁ ଫେରି ଆସିବ । କିନ୍ତୁ ନିମିଙ୍କ ଶାପରୁ ତୁ ସର୍ବଦା ସୂର୍ଯ୍ୟବଂଶର କୁଳଗୁରୁ ହୋଇ ରହିବୁ । ସେହି ବଂଶର ଯାହା କାର୍ଯ୍ୟ ହେବ ଶେଷ କରି ସାରିଲେ ଅନ୍ୟତ୍ର ଯିବୁ । ତା ନ କଲେ ମୋ ପାଖକୁ ଆଉ ଆସିବୁ ନାହିଁ । ବଶିଷ୍ଠ ନିଜ ପିତାଙ୍କ ଆଜ୍ଞାକୁ ମାନି ନେଲେ ଓ ତାଙ୍କ ବ୍ରହ୍ମଜ୍ଞାନ ଚେତନା ପୁନଶ୍ଚ ଫେରି ପାଇଲେ । ନିମି ରାଜା ବଶିଷ୍ଠଙ୍କ ଅଭିଶାପରେ ସର୍ବଦା ଚେତନାହୀନ ହୋଇ ଶୟନ କରି ରହିଲେ । ଏହା ଦେଖି ସମସ୍ତ ବ୍ରହ୍ମର୍ଷି ଦୁଃଖିତ ହୋଇ ନିମିଙ୍କର ଚେତନାହୀନ ଶରୀରକୁ ନେଇ ଯଜ୍ଞ ଶେଷ କଲେ । ସେହି ବ୍ରହ୍ମର୍ଷିମାନେ ନିଜେ ନିଜର କିଛି କିଛି ତପଃ ବଳ ଦେଇ କହିଲେ, ନିମିଙ୍କର ମଙ୍ଗଳ ହେଉ । ସର୍ବରଷିଙ୍କ ତପଃ ପ୍ରଭାବରେ ନିମିଙ୍କ ଉପରେ ସ୍ୱର୍ଗପୁରର ଅମରଗଣ ସନ୍ତୁଷ୍ଟ ହୋଇ ନିମିଙ୍କ ଚେତନାକୁ ଜାଗ୍ରତ କଲେ । ଦେବଗଣ କହିଲେ ହେ ରାଜା ! ତୁମ୍ଭେ ଯାହା ମାଗିବ ଆମ୍ଭେମାନେ ତାହା ଦେବୁ । କିନ୍ତୁ ନିମିଙ୍କ ଚେତନା ଜାଗ୍ରତ ହୋଇ କହିଲେ ହେ ଦେବଗଣ ! ଯେବେ ଯାଚିକରି ବରଦାନ କରୁଛନ୍ତି, ତେବେ ମୋତେ ଏହି ବର ଦିଅନ୍ତୁ, ଯେପରି ଏହି ଜଗତର ସମସ୍ତ ପ୍ରାଣୀଙ୍କ ନେତ୍ରରେ ମୁଁ ବାସ କରିପାରିବି ଏବଂ ସର୍ବଦା ବାୟୁ ରୂପରେ ମୁଁ ବନ୍ଦ ହେଉଥିବି ଓ ଖୋଲୁଥିବି । ତା'ର ନାମ ହେବ (ଆଖିର ପଲକ ପଡ଼ିବା କିମ୍ବା ପିଛୁଳା ପଡ଼ିବା) ଆଖିର ପଲକ । ଦେବତାମାନେ ତଥାସ୍ତୁ କହି ଅନ୍ତର ହେଲେ । ସେହିଦିନରୁ ନିମିଙ୍କ ଚେତନା ସର୍ବଜନଙ୍କ ନେତ୍ରରେ ପିଛୁଳା ହୋଇ ବସିଲେ । ଯେଉଁ ଧର୍ମକାର୍ଯ୍ୟ ଜୀବମାନଙ୍କ ନେତ୍ର ସେହିଦିନୁ ଦେଖୁଛି । ନିମି ତାହା ପ୍ରାପ୍ତ ହେଉଛନ୍ତି । ନିମି ଏହି ଗତି ଲାଭ କଲା ପରେ ଋଷିମାନେ ତାଙ୍କ ପିଣ୍ଡକୁ ଆଣି ବେଦମନ୍ତ୍ରରେ ପୁତଃକରି ଯଜ୍ଞକୁଣ୍ଡରେ ଭର୍ତ୍ତି କଲେ ଓ ମନ୍ତ୍ରପାଠ କରି ମନ୍ଥନ କଲେ । ସେହିପରି ମନ୍ଥନ କରିବା ଦ୍ୱାରା ସେଥିରୁ ଏକ ଜ୍ୟୋତିର୍ମୟ ପୁରୁଷ ବାହାର ହେଲେ । ସେହି ଜ୍ୟୋତିର୍ମୟ ପୁରୁଷଙ୍କୁ ଦେଖି ଋଷିଗଣ କହିଲେ, ନିମିଙ୍କ ଶରୀର ମନ୍ଥନ କରିବାକୁ ଏହି ପୁରୁଷଜାତ ହୋଇଛନ୍ତି । ଇଏ ନିମିଙ୍କ ସନ୍ତାନ ରୂପେ ଚିହ୍ନିତ ହେବେ । ଏହି ଦିବ୍ୟପୁରୁଷ ଅଯୋନି ସମ୍ଭୁତ ଅଟନ୍ତି । ତେଣୁ ଏହାଙ୍କ ନାମ ମିଥିଳା ଜନକ ହେଉଛି । ନିମିଙ୍କ ଶରୀର ମନ୍ଥନ ହେତୁ ନାମ ମିଥିଳା ଜନକ ହେଲା । ଅନ୍ୟ କେତେକ ଋଷି କହିଲେ ନିମିଙ୍କ ଶରୀର ମଧ୍ୟରେ ପ୍ରାଣ ନ ଥିଲା । ନିମି ବିଦେହ ଅଟନ୍ତି । ତେଣୁ ଏହି ବୈଜୟନ୍ତୀ ପୁରକୁ ବିଦେହ ନଗର ନାମରେ ନାମିତ କରାଯାଉ । ଋଷିମାନେ ତାଙ୍କୁ କଲ୍ୟାଣ କଲେ । ସେହି ଦିବ୍ୟପୁରୁଷ ଅଯୋନି ହେତୁ ଋଷିମାନେ ତାଙ୍କୁ କଲ୍ୟାଣ କଲେ, ତୁମ୍ଭେ ସକଳ ଶାସ୍ତ୍ର ପୁରାଣରେ ପଣ୍ଡିତ ହୁଅ । ତୁମ୍ଭର ଯଶଖ୍ୟାତି ଚତୁର୍ଦ୍ଦିଗରେ ବ୍ୟାପିଯାଉ । ଋଷିମାନେ ମିଥିଳା ଜନକଙ୍କୁ ନିମିଙ୍କ ପୁତ୍ର ରୂପରେ ନାମିତ କରାଇ ବିଦେହ ରାଜ୍ୟରେ ରାଜା ରୂପରେ ଅଭିଷିକ୍ତ କରାଇଲେ । ଯେଉଁ ସ୍ଥାନରେ ନିମି ଶରୀର ମନ୍ଥନ କରିଥିଲେ, ସେହି ସ୍ଥାନକୁ ମିଥିଳା ନାମରେ ନାମିତ କରି ତାହାକୁ ବିଦେହର ରାଜଧାନୀ କରି ଋଷିମାନେ ଜନକଙ୍କୁ ଆଶୀର୍ବାଦ ଦେଇ ବିଦାୟ ନେଲେ ।

## ହନୁମାନଙ୍କୁ ଶନିଦେବଙ୍କ ଆଶୀର୍ବାଦ

କୁହାଯାଏ ଯେ, ରାମଭକ୍ତ ହନୁମାନ ଧରାପୃଷ୍ଠରେ ବିଚରଣ କରନ୍ତି । ଭଗବାନ ହନୁମାନ ହେଉଛନ୍ତି କଳିଯୁଗରେ ଏକମାତ୍ର ଜୀବିତ ଦେବତା । ଭଗବାନ ହନୁମାନ ବହୁତ୍ ଶୀଘ୍ର ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତି । ଯେଉଁ ଭକ୍ତ ସ୍ୱଚ୍ଛ ମନରେ ହନୁମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ମରଣ କରେ,



ଯଥାଶୀଘ୍ର ସେହି ବ୍ୟକ୍ତିର ମନୋସ୍କାମନା ପୂରଣ ହୋଇଥାଏ । ଏହା ସହ ସଂକଟ ମୋଚନଙ୍କ ନାମ ଜପ କରିବା ଦ୍ୱାରା ସବୁ ସଂକଟ ଦୂର ହୋଇଥାଏ । ଖରାପ ସମୟରେ ହନୁମାନଙ୍କ ନାମ ଜପ କରିବା ଦ୍ୱାରା ସବୁ ସମସ୍ୟା ଦୂର ହୋଇଥାଏ । ଯେଉଁ ଭକ୍ତ ନିୟମିତ ହନୁମାନ ଚାଳିଶା ପାଠ କରେ ତା ଉପରେ ହନୁମାନଙ୍କ କୃପା ସର୍ବଦା ରହିଥାଏ । ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଓ ଶୁଣିବା ଦ୍ୱାରା ବୁଦ୍ଧି ଓ ବିଦ୍ୟା ଜାଗୃତ ହୋଇଥାଏ । ଯେଉଁ ଭକ୍ତ ପ୍ରତ୍ୟେକ ମଙ୍ଗଳବାର ବ୍ରତ ରଖିବା ସହ ଭଗବାନ ହନୁମାନଙ୍କ ବିଶେଷ ପୂଜା ଓ ଆରାଧନା କରେ, ସେହି ବ୍ୟକ୍ତି ହନୁମାନଙ୍କ କୃପା ସର୍ବଦା ଲାଭ କରିଥାଏ । ମଙ୍ଗଳବାର ବ୍ୟତିତ ଶନିବାର ଦିନ ବଜରଙ୍ଗବାଲୀଙ୍କୁ ପୂଜା କରାଯାଏ । ଏହାର କାରଣ ହେଉଛି ପୌରାଣିକ ବିଷୟବସ୍ତୁ ଅନୁଯାୟୀ ବଜରଙ୍ଗବାଲୀ ଶନିଦେବତାଙ୍କୁ ଏକ ଯୁଦ୍ଧରେ ପରାସ୍ତ କରିଥିଲେ । ସେହି ଦିନ ଶନିଦେବ ବଜରଙ୍ଗବାଲୀଙ୍କୁ ଆଶୀର୍ବାଦ ଦେଇଥିଲେ ଯେ, ଯେଉଁ ବ୍ୟକ୍ତି ଶନିବାର ହନୁମାନଙ୍କୁ ପୂଜା କରିବ ସେହି ବ୍ୟକ୍ତି ଉପରେ କଦାପି ଶନିକୋପ ପଡ଼ିବ ନାହିଁ ।

# ଓଡ଼ିଶାରେ ଶିଳ୍ପ ପ୍ରକଳ୍ପ

ଜଗତସିଂହପୁର ଜିଲ୍ଲା କୁଜଙ୍ଗ ନିକଟରେ ଜିନ୍ଦଲ ଯେଉଁ ଜମି ଅଧିଗ୍ରହଣ କରିଛି ସେଠାରେ ଏହି ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ହୋଇପାରେ ବୋଲି କୁହାଯାଉଛି। ଏହିଠାରେ ପୋସ୍କୋ ୧୨ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରତିଷ୍ଠା କରିବାର ଥିଲା। ଏଥିପାଇଁ ଜମି ଅଧିଗ୍ରହଣ ମଧ୍ୟ ହୋଇଥିଲା। କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକୀୟ ଅନୁମତି ମଧ୍ୟ ମିଳିଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏହି ପ୍ରକଳ୍ପ ନିମନ୍ତେ ବିଶେଷ ଆଗ୍ରହୀ ଥିଲେ। ପୋସ୍କୋ ପ୍ରକଳ୍ପକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ସେଲ ପ୍ରତିଷ୍ଠା କରାଯାଇଥିଲା ଏବଂ ପୋସ୍କୋ ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିୟମିତ ଅନୁଧ୍ୟାନ କରିବାକୁ ଏହା ଗଠିତ ହୋଇଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ମନମୋହନଙ୍କର ଏହା ଡ୍ରିମ ପ୍ରୋଜେକ୍ଟ ହୋଇଥିଲେ ମଧ୍ୟ କଂଗ୍ରେସ ନେତାମାନେ ଓଡ଼ିଶାରେ ଏହାକୁ ବିରୋଧ କରି ଜମି ଅଧିଗ୍ରହଣକୁ ବିଳମ୍ବିତ କରିଥିଲେ। ମନମୋନ ସରକାରରେ ତତ୍କାଳୀନ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଜୟରାମ ରମେଶ ଏହାକୁ ମଞ୍ଜୁରୀ ପ୍ରଦାନରେ ହେଳା କରିଥିଲେ ଏବଂ ଏଥିପାଇଁ ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ ହୋଇଥିଲା ଏବଂ ଶେଷରେ ଏହା ବନ୍ଦ ହୋଇଗଲା। ଯଦି ମନମୋହନଙ୍କ ସ୍ଥାନରେ ସୋନିଆ କିମ୍ବା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ହୋଇଥାଆନ୍ତେ ତେବେ କଂଗ୍ରେସ ନେତାଙ୍କର ଏହି ପ୍ରକଳ୍ପକୁ ବିରୋଧ କରିବାର ସାହସ ନଥାଆନ୍ତା। ସେଥିଲାଗି ମନମୋହନ ସିଂହ ଜଣେ ଜ୍ଞାନୀ, ଗୁଣୀ ବ୍ୟକ୍ତି ହେଲେ ମଧ୍ୟ ଜଣେ ମେରୁଦଣ୍ଡବିହୀନ, ଦୁର୍ବଳ ପ୍ରଧାନମନ୍ତ୍ରୀ ଥିଲେ ଏବଂ ବାସ୍ତବ କ୍ଷମତା ଗାନ୍ଧି ପରିବାର ହାତରେ ଥିଲା ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଯେଉଁଠି ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ପ୍ରକଳ୍ପ ହେଉ ବୋଲି, ସେଠାରେ ତାଙ୍କର ଜଣେ ମନ୍ତ୍ରୀ ଏଥିରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ସାହସ କରିପାରିଲେ ଏହା ଅବିଶ୍ୱସନୀୟ ହେଲେ ମଧ୍ୟ ସତ୍ୟ। ପୋସ୍କୋ ପାରାଦ୍ୱୀପ ନିକଟରେ ଯେଉଁ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲା, ତାହା ସମ୍ପୂର୍ଣ୍ଣ ଭାବେ ରପ୍ତାନୀ ଭିତ୍ତିକ ହୋଇଥା'ନ୍ତା। ଏଥିଲାଗି ବିଦେଶରୁ କଞ୍ଚାମାଲ ଏବଂ କୋଇଲା ଆସିବାର ଥିଲା। ଏଥିଲାଗି ପୋସ୍କୋ ସ୍ୱାପିଂ ବ୍ୟବସ୍ଥା କରିବାକୁ ଯୋଜନା କରିଥିଲେ। କିନ୍ତୁ ଏହାକୁ ଅନେକ ରାଜନୈତିକ ଦଲାଲ ବିରୋଧ କରିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କୁ ଉସୁକାଇ ପୋସ୍କୋର ଜମି ଅଧିଗ୍ରହଣ ବିରୋଧରେ ଆନ୍ଦୋଳନ କରିଥିଲେ। ତତ୍କାଳୀନ ଶାସକ ଦଳ ବିଜେଡିର କିଛି ନେତା ମଧ୍ୟ ଏହାକୁ ବିରୋଧ କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଦି ବ୍ୟକ୍ତିଗତଭାବେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ନିଷ୍ଠାପର ଉଦ୍ୟମ କରିଥାଆନ୍ତେ ତେବେ ଏହା ନିଶ୍ଚିତ ଭାବେ ସଫଳ ହୋଇଥାଆନ୍ତା ଏବଂ ଏତେବେଳକୁ ଉତ୍ପାଦନ ଆରମ୍ଭ ହୋଇ ଥାଆନ୍ତା। କିନ୍ତୁ ସ୍ଥାନୀୟ ଲୋକଙ୍କର ବିରୋଧ ଏବଂ ରାଜନୈତିକ ଖେଳ ଯୋଗୁ ଏହା ସମ୍ଭବ ହେଲା ନାହିଁ। ଉଭୟ ନବୀନ ଏବଂ ମନମୋହନଙ୍କ ଦୁର୍ବଳତା ଓ ନିଷ୍କ୍ରିୟତାରୁ ଏହି ପ୍ରକଳ୍ପ ସମ୍ଭବ ହୋଇପାରିଲା ନାହିଁ ଏବଂ ଶେଷରେ ପୋସ୍କୋ ଓଡ଼ିଶା ଛାଡ଼ି ଚାଲିଗଲା। ଏହା ଦ୍ୱାରା ଓଡ଼ିଶାର ଲାଭ ହେଲା କି କ୍ଷତି ହେଲା ତାହା କୁହାଯାଇପାରିବ ନାହିଁ। ହୁଏତ ଏହି ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଲାଭ ପରିବର୍ତ୍ତେ କ୍ଷତି ଅଧିକ ହୋଇଥାଆନ୍ତା। କିନ୍ତୁ ଯେପରି ଭାବେ ଏହି ପ୍ରକଳ୍ପକୁ ବିରୋଧ କରାଯାଇ ଓଡ଼ିଶାରେ ଏକ ବଡ଼ ପୁଞ୍ଜିନିବେଶ ପ୍ରସ୍ତାବକୁ ରୋକାଗଲା ତାହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏହା ଆମ ଶିଳ୍ପ ବିରୋଧୀ ଏବଂ ସ୍ୱାର୍ଥପର ମାନସିକତାକୁ ପ୍ରମାଣିତ କରୁଛି। ଏଥିପାଇଁ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛରେ ପଡ଼ିଛି।

# ବ୍ୟାଙ୍କ ଗୁଡ଼ିକର ଅସରନ୍ତି ଏନପିଏ ବୋଝ

॥ ଯୁଧିଷ୍ଠିର ମହାରଣା ॥

> *ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା।*

ଭାରତରେ ବର୍ଷକୁ ବର୍ଷ ଅନାଦାୟ ବ୍ୟାଙ୍କଋଣ ଉଦବେଗଜନକ ଭାବେ ବୃଦ୍ଧି ପାଇବାରେ ଲାଗିଛି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦର ଚଳିତ ଶୀତ ଅଧିବେଶନରେ ଦେଇଥିବା ତଥ୍ୟାନୁଯାୟୀ ଗତ ପାଞ୍ଚ ବର୍ଷ ଭିତରେ ଭାରତର ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କ ଗୁଡ଼ିକର ଏନପିଏ ପାଖାପାଖି ୧୦.୫୯ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକ ଗ୍ରାହକଙ୍କୁ ଦେଇଥିବା ଋଣ ଅସୁଲ ନକରିପାରିବା ସମ୍ପୃକ୍ତ ବ୍ୟାଙ୍କର ପରିଚାଳନାଗତ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିଲେ ହେଁ ସେଥିପାଇଁ ପରିଚାଳନା ଓ ନିର୍ଦ୍ଦେଶକ ମଣ୍ଡଳୀକୁ ସିଧାସଳଖ ଦଣ୍ଡିତ କରାଯିବାର ନିୟମ ଆମ ଦେଶରେ ନାହିଁ। ଅପରପକ୍ଷରେ ବ୍ୟାଙ୍କ ଅଧିକାରୀମାନଙ୍କ ପାଇଁ ଯେଉଁ ବ୍ୟବସାୟିକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ ତାହାକୁ ପୂରଣ କରିବା ପାଇଁ କିପରି ଅଧିକରୁ ଅଧିକ ଋଣ ମଞ୍ଜୁର କରାଯାଇପାରିବ ତାହାକୁ ଅଗ୍ରାଧିକାର ଦିଆଯାଏ। ବିଡ଼ମ୍ବନା ହେଲା ଜରୁରୀ ସମ୍ବଳ ଆବଶ୍ୟକ କରୁଥିବା ସାଧାରଣ ଗ୍ରାହକଟିଏ ଋଣ ପାଇବାକୁ ନୟାନ୍ତ ହୋଇପଡୁଥିଲେ ମଧ ତାହାକୁ ନେଇ ସେ ଚିନ୍ତାରେ ପଡ଼ିଯାଏ। ସୁଧ ଓ କିସ୍ତି ପୈଠରେ ସାମାନ୍ୟ ଖିଲାପ ହେଲେ ଋଣଦାତା ବ୍ୟାଙ୍କ ବିଚରା ଋଣ ଗ୍ରହୀତାର ଘରବାଡ଼ି ସମ୍ପତ୍ତି ଜବତ କରିଦେବାର ଉଦାହରଣ ବହୁଳ। ଅପରପକ୍ଷରେ ଥିଲାବାଲା ବା ଅତ୍ୟୁଚ୍ଚ ଧନୀମାନେ କିସ୍ତି ଓ ସୁଧ ପୈଠରେ ଉଦ୍ଦେଶ୍ୟମୂଳକ ଖିଲାପ କରି ଆସୁଥିଲେ ମଧ ସେମାନଙ୍କୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅକୁଣ୍ଠ ଚିତ୍ତରେ ହଜାର ହଜାର କୋଟି ଟଙ୍କାର ଋଣ ପୁନଃ ମଞ୍ଜୁର କରିବାରେ ଅବହେଳା କରନ୍ତିନାହିଁ। ଏଥିରେ ଉଚ୍ଚ ରାଜନୈତିକ ମହଲରୁ ଚାପ ମଧ ପଡ଼ିବାର ନଜିର ରହିଛି। ଏଥିପାଇଁ ବିଜୟ ମାଲ୍ୟା, ନିରବ ମୋଦି, ମେହୁଲ ଚୋକ୍ସିଙ୍କ ଭଳି ଅନେକ ଅଭ୍ୟାସଗତ ଋଣ ଖିଲାପୀବାଲାଙ୍କ ଉଦାହରଣ ନିଆଯାଇପାରେ। ଭାରତରେ ବ୍ୟାଙ୍କ ଏନପିଏ ଉଦବେଗଜନକ ଭାବେ ବୃଦ୍ଧି ପାଇବା ପଛରେ ଏହା ଏକ ବଡ଼ କାରଣ।

ବାଣିଜ୍ୟିକ ବ୍ୟାଙ୍କର ମୂଳ ଲକ୍ଷ୍ୟ ହେଲା ଋଣ ସହାୟତା ଜରିଆରେ ଦେଶର ବ୍ୟବସାୟ କ୍ଷେତ୍ରକୁ ସହାୟତା ତଥା ଦେଶର ଅଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା। ବ୍ୟାଙ୍କ ଦେଉଥିବା ଋଣ ତାହାର ଆସେଟ ବା ସମ୍ପଦ ଭାବରେ ପରିଗଣିତ ହୁଏ। କାରଣ ଋଣଦାତା ବ୍ୟାଙ୍କ ଏହି ଋଣରୁ ସୁଧ ଆକାରରେ ନିୟମିତ ଆୟ କରିଥାଏ। ବ୍ୟବସାୟ ଆରମ୍ଭ କରୁଥିବା କିମ୍ବା ସମ୍ପ୍ରସାରଣ କରିବାକୁ ଚାହୁଁଥିବା ବ୍ୟବସାୟୀ ଯେପରି ଠିକ ସମୟରେ ଋଣ ପାଇବାରେ ଅସୁବିଧା ନ ଭୋଗନ୍ତି ବା ପାତର ଅନ୍ତରର ଶିକାର ନହୁଅନ୍ତି ସେଥିପାଇଁ କେନ୍ଦ୍ର ସରକାର ବାଣିଜ୍ୟିକ ବ୍ୟାଙ୍କ ଗୁଡ଼ିକର ଜାତୀୟକରଣ କରିଥିଲେ। କିନ୍ତୁ ଅସଲରେ ବ୍ୟାଙ୍କ ଜାତୀୟକରଣର ମହତ ଲକ୍ଷ୍ୟ ଯେ ପରାହତ ହୋଇଛି ତାହା ପ୍ରାୟ ୫ ଦଶନ୍ଧି ପରେ ସ୍ପଷ୍ଟ ହୋଇଛି। ବ୍ୟାଙ୍କର ଆଉ ଏକ ଦାୟିତ୍ୱ ହେଉଛି ଯେ ଠିକ ସମୟରେ ଋଣ ଗ୍ରହୀତାଙ୍କ ଠାରୁ ସୁଧ ସମେତ କିସ୍ତି ଅସୁଲ କରିବା। ଏଥିରେ ଖିଲାପ ହେଲେ ଋଣ ରାଶି ଏନପିଏ ବା ନନ ଫରଫର୍ମିଂ ଆସେଟ ଭାବରେ ଗଣାଯାଏ। ବ୍ୟାଙ୍କ ଖାତାରେ କୌଣସି ଋଣ ପରିଶୋଧ ତାରିଖର ୯୦ ଦିନ ପର୍ଯ୍ୟନ୍ତ ଅନାଦାୟ ରହିଲେ ତାହାକୁ ଏନପିଏ ଭାବରେ ଘୋଷିତ କରାଯାଏ।

ଭାରତରେ ୨୦୦୮ ପର୍ଯ୍ୟନ୍ତ ବ୍ୟବସାୟରେ ବିଶାଳ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଉତ୍ସାହଜନକ ଭାବେ ଦୁଇ ଅଙ୍କ ପାଖାପାଖି ଛୁଇଁଥିଲା। ଏହି ଧାରାକୁ ଦୃଷ୍ଟିରେ ରଖି ବ୍ୟାଙ୍କମାନେ ବିପୁଳ ପରିମାଣରେ ଋଣ ମଞ୍ଜୁର କରିବାରେ ଲାଗିଲେ। କିନ୍ତୁ ୨୦୦୮ରେ ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ପରେ ଏହି ସୁଯୋଗ ଓ ସମ୍ଭାବନା କ୍ରମଶଃ ସଙ୍କୁଚିତ ହୋଇଆସିଲା ଏବଂ ଉଭୟ ବ୍ୟବସାୟ ଓ ଅର୍ଥନୀତି ପ୍ରଭାବିତ ହେଲା। ତେଣୁ ସ୍ୱାଭାବିକ ଭାବରେ ଅନାଦାୟ ଋଣ ସମସ୍ୟା ସୃଷ୍ଟି ହେଲା। ବିଶେଷକରି ୨୦୧୪ ପରେ ଏନପିଏ ପରିମାଣ ବୃଦ୍ଧି ପାଇ ଏକ ବିଶାଳ ପାହାଡ଼ ଆକାରରେ ଦେଶର ଅର୍ଥନୀତି ଆଗରେ ଉଭା ହୋଇଥିଲା। ଭାରତରେ ଏନପିଏ ବୃଦ୍ଧି ପାଇବା ପଛରେ ଆଉ ଏକ କାରଣ ହେଉଛି ଋଣ ନେଇଥିବା ବୃହତ ଶିଳ୍ପ ସଂସ୍ଥାଗୁଡ଼ିକର ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କରିବାର କ୍ଷମତା ନିୟମିତ ଆକଳନ କରାଗଲା ନାହିଁ। ଅଧିକନ୍ତୁ ଶିଳ୍ପାୟନ ଆଳରେ ଶିଳ୍ପପତିମାନଙ୍କୁ ଋଣ ନିୟମକୁ କୋହଳ କରିଦିଆଗଲା। ଏହାଛଡ଼ା ଅତୀତରେ ଉଦ୍ୟୋଗପତିମାନଙ୍କ ବିପୁଳ ଋଣ ଚାହିଦା ମେଣ୍ଟାଇବା ପାଇଁ ଏକାଧିକ ବ୍ୟାଙ୍କ ମିଳିତ କନ୍ସୋର୍ଟିୟମ ଗଠନ କରାଗଲା। ମାଲ୍ୟାଙ୍କର କିଙ୍ଗଫିସର ପରି କମ୍ପାନୀମାନେ ବିଶାଳ ପରିମାଣର ଋଣ ପରିଶୋଧରେ କ୍ରମାଗତ ଅସଫଳ ହେବା ପରେ ଋଣଦାତା ବ୍ୟାଙ୍କ କନ୍ସୋଟିୟମ ସହିତ ଦେଶର ସାମଗ୍ରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ତାହା ପ୍ରଭାବିତ କଲା। ଏଥିସହିତ ମରୁଡ଼ି, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ଯୋଗୁଁ କୃଷି ଋଣ ମଧ ଅନାଦାୟ ହୋଇପଡ଼ିଲା। କେତେଜଣ ଶିଳ୍ପପତି ଜାଲ କାଗଜପତ୍ର ପ୍ରସ୍ତୁତ କରି ଅସାଧୁ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ବିପୁଳ ପରିମାଣର ଋଣ ରାଶି ବିଦେଶରେ ଥିବା ଆକାଉଣ୍ଟକୁ ସ୍ଥାନାନ୍ତରିତ କରିଦେଲେ। ଏହିସବୁ ଘଟଣା ପ୍ରତି ଯଦି କେନ୍ଦ୍ର ସରକାର ପ୍ରାରମ୍ଭରୁ ଯତ୍ନଶୀଳ ହୋଇଥାନ୍ତେ ତେବେ ଆଜି ଭାରତୀୟ ଅର୍ଥନୀତିକୁ ଏନପିଏର ପାହାଡ଼ ମୁଣ୍ଡାଇବାକୁ ପଡ଼ିନଥାନ୍ତା। ମେହୁଲ ଚୋକ୍ସି, ନିରବ ମୋଦୀ, ବିଜୟ ମାଲ୍ୟାଙ୍କୁ ପଳାତକ ଘୋଷଣା କରାଯିବା ସହିତ ଅନାଦାୟ ଋଣ ବା ଏନପିଏ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ବିଳମ୍ବରେ ହେଲେ ମଧ ଉଦ୍ୟମ ଆରମ୍ଭ କଲେ। ଏହି ଉଦ୍ୟମର ଏକ ଅଂଶସ୍ୱରୂପ ଇନ୍ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ଼ରେ ଆବଶ୍ୟକୀୟ ସଂଶୋଧନ କରାଗଲା। ବ୍ୟାଡ଼ ବ୍ୟାଙ୍କ ଗଠନ ପାଇଁ ମଧ ବାଟ ଫିଟିଲା। ଏହାଦ୍ୱାରା ସମ୍ପୂର୍ଣ୍ଣ ନ ହେଲେ ମଧ ବ୍ୟାଙ୍କର ଏନପିଏ ସମସ୍ୟା କେତେକାଂଶରେ ସମାଧାନ ହେବାର ଦେଖାଗଲା। ଏହି ବ୍ୟବସ୍ଥାର ସୁଫଳ ପାଇବାକୁ ହୁଏତ ଅନେକ ବର୍ଷ ଲାଗିଯାଇପାରେ।

ଶେଷରେ କୁହାଯାଇପାରେ ଯେ କୌଣସି ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶରେ ବ୍ୟାଙ୍କିଙ୍ଗ କ୍ଷେତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦି ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଭୁଶୁଡ଼ି ପଡ଼ିବ ତେବେ କେବଳ ଦେଶ ଦେବାଳିଆ ହେବନାହିଁ ବରଂ ଏହାର ପ୍ରଭାବ ବିଶ୍ୱ ଅର୍ଥନୀତି ଉପରେ ପଡ଼ିବ। ଆମେରିକାର ଲେହମ୍ୟାନ ବ୍ରଦରସ୍ ଓ ମେରିଲ ଲିଞ୍ଚ ବ୍ୟାଙ୍କ ଭୁଶୁଡ଼ି ଯିବା ପରେ ବିଶ୍ୱ ଅର୍ଥନୀତିରେ ଯେଉଁ ମାନ୍ଦାବସ୍ଥା ସୃଷ୍ଟି ହୋଇଥିବାର ତାହାର ପ୍ରଭାବକୁ ଆଜି ମଧ ଅନେକ ଦେଶ ସମ୍ପୂର୍ଣ୍ଣ ଦୂର କରିବାରେ ସକ୍ଷମ ହୋଇପାରିନାହାନ୍ତି। ତେଣୁ ଭାରତ ସରକାର ମଝିରେ ମଝିରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡ଼ିକୁ ବିପୁଳ ପୁଞ୍ଜି ନିବେଶ ଯୋଗାଇ ଆସୁଛନ୍ତି, ଯାହା ସିଧାସଳଖ ଦେଶର ଜନସାଧାରଣ ଦେଉଥିବା ଟିକସରୁ ଭରଣା ହେଉଛି। ଅନ୍ୟ ଅର୍ଥରେ କହିଲେ ଏନପିଏ ବୃଦ୍ଧି ସହିତ ଅତ୍ୟୁଚ୍ଚ ଧନୀ ଶିଳ୍ପପତିମାନେ ଉପକୃତ ହେଉଥିବାବେଳେ ଦେଶର ଜନସାଧାରଣ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଏହାର ଦୀର୍ଘସ୍ଥାୟୀ ନିରାକରଣ ଦିଗରେ ସରକାର ତତ୍ପରତା ପ୍ରକାଶ କରିବା ଦରକାର। ଏନପିଏ ସମସ୍ୟାର ସମାଧାନ ପାଇଁ କେବଳ ବ୍ୟାଡ଼ ବ୍ୟାଙ୍କ ଗଠନ କିମ୍ବା ଅତିରିକ୍ତ ପୁଞ୍ଜି ସହାୟତା ଯଥେଷ୍ଟ ନୁହେଁ। ସମ୍ପୃକ୍ତ ବ୍ୟାଙ୍କ ଅଧିକାରୀମାନଙ୍କୁ ମଧ ଆଇନତଃ ଉତ୍ତରଦାୟୀ କରିବା ପାଇଁ କଠୋର ନିୟମ ପ୍ରଣୟନ ହେବା ଦରକାର।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୧୬୩୫୨୮

# ମୋ ଜୀବନର କଳ୍ପବୃକ୍ଷ

॥ ଅନୀତା ପଟ୍ଟନାୟକ ॥

କୁହାଯାଏ 'ପିତା ଧର୍ମ, ପିତା ସ୍ୱର୍ଗ, ପିତା ହିଁ ପରମ ତପ। ପିତରି ପ୍ରୀତିମାସ୍ତନ୍ନେ ପ୍ରୀୟେନ୍ତେ ସର୍ବଦେବତା।' ଏହାର ଅର୍ଥ ପିତା ହେଉଛି ଧର୍ମ, ସ୍ୱର୍ଗ ଓ ଜୀବନର ତପସ୍ୟାର ଫଳ। ପିତା ଯଦି ସନ୍ତୁଷ୍ଟ ହୁଅନ୍ତି ସର୍ବ ଦେବତାମାନେ ପ୍ରୀତ ହୋଇଥାନ୍ତି। ମୋର ପିତା ଜଣେ ନିଆରା ଶିକ୍ଷକ ଥିଲେ। ସେ ସକାଳ ହେଲେ ଆମ ଭାଇ ଭଉଣୀ ମାନଙ୍କୁ ଉଠାଇ ଚଲାଇ ଚଲାଇ କିଛି ବାଟ ନେଇ ବିଭିନ୍ନ ମନ୍ଦିର ପ୍ରଭୃତି ଦେଖାଇ ଗାଈର କ୍ଷୀର, ଦହି ଗଉଡଘରୁ ଧରି ଘରକୁ ଫେରୁଥିଲେ। ବାପା କେବେ ଚାହାପି ପିଇବା କିମ୍ବା କ୍ଷୀର ପିଇବା ମୁଁ ଦେଖିନାହିଁ। ବରଂ ମାକୁ ପ୍ରେମପୂର୍ଣ୍ଣ ଶବ୍ଦରେ କୁହନ୍ତି ଆଜି ମୋ ପିଲାମାନେ ସମସ୍ତେ କ୍ଷୀର ପିଇଛନ୍ତିତ ? ବାପା ସବୁ ପିଲାମାନଙ୍କୁ ପାଠ ପଢ଼ିବାକୁ ପ୍ରୋତ୍ସାହିତ କରୁଥିଲେ। ତାଙ୍କର ସମସ୍ତ ଉପାର୍ଜିତ ଧନ ଆମର ସ୍କୁଲ ଡ୍ରେସ, ପାଠପଢ଼ା ଉପକରଣ, ଆମର ସୁଖ ସ୍ୱାଚ୍ଛନ୍ଦ୍ୟ ପାଇଁ ଖର୍ଚ୍ଚ କରିଦେଉଥିଲେ। ନିଜେ ଦୁଇହଳ ପୋଷାକରେ ଜୀବନ ଅତିବାହିତ କରିଦେଉଥିଲେ। ହଳେ ପୋଷାକ ଚିରିଗଲେ ବା ନଷ୍ଟ ହୋଇଗଲେ ଆଉ ଗୋଟିଏ ହଳ ତିଆରି କରାଉଥିଲେ।

ମୁଁ ମୋର ବାପାଙ୍କୁ କେବେ କାହାଠାରୁ କିଛି ହାତପାତି କୌଣସି ପଦାର୍ଥ ଗ୍ରହଣ କରିବା ଦେଖିନାହିଁ। ସେ ତାଙ୍କର କଷ୍ଟ ଉପାର୍ଜିତ ଧନକୁ ଅକୁଣ୍ଠିତ ହୋଇ ଦାନ କରି ଦେଉଥିଲେ। ମତେ ଉଦାହରଣ ଦେଇ ବୁଝାଇ କହୁଥିଲେ ଗ୍ରହଣ କରିଥିବା ପାପୁଲି ତଳକୁ ଥାଏ କିନ୍ତୁ ଦାନ କରୁଥିବା ପାପୁଲି ସର୍ବଦା ଉପରେ ଥାଏ। ବାପା ଆମକୁ ଶକ୍ତି, ଧନ, ବାକ୍ୟ ଓ ଖାଦ୍ୟକୁ କିପରି ସଞ୍ଚୟ କରିବାକୁ ହେବ ତାହାକୁ ସେ ଶିଖାଉଥିଲେ। ମୋ ବାପା ସ୍କୁଲରେ ସବୁ ପିଲାଙ୍କୁ ନିଜର ପିଲାପରି ଭଲ ପାଉଥିଲେ। ମୋ ଆଗରେ ଅନ୍ୟ ପିଲାଙ୍କୁ ପ୍ରଶଂସା କରୁଥିଲାବେଳେ ମୁଁ ଯେତେବେଳେ ଈର୍ଷାନ୍ୱିତ ହେଉଥିଲି, ସେ ମତେ କହୁଥିଲେ ସମସ୍ତ ଈଶ୍ୱରଙ୍କର ସନ୍ତାନ। ଈଶ୍ୱରଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ସମସ୍ତଙ୍କର ଅଛି। କିନ୍ତୁ ବାପାଙ୍କ ଠାରୁ ଯଦି ଠିକ ଭାବରେ ଅଧିକ ସ୍ନେହ ଦାବିକରି ମଧ ପାଇନଥାଏ ତାର ମନର ଅବସ୍ଥା ଯାହାହୁଏ ମୁଁ ଅଧିକ ସ୍ନେହ ପାଉନଥିଲା ବେଳେ ମୋର ଅବସ୍ଥା ସେପରି ହୁଏ। ଆମ ପିଲାମାନଙ୍କର ଟିକେ ଦେହ ଖରାପ ହେଲେ ସେ ସଙ୍ଗେ ସଙ୍ଗେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କରାଇଥାନ୍ତି। ସେ ଆମ ସବୁ ପିଲାମାନଙ୍କୁ ସକାଳ ସଞ୍ଜରେ ପ୍ରାର୍ଥନା, ଖାଦ୍ୟ ଗ୍ରହଣ ଓ ଶୋଇବା ପୂର୍ବରୁ ପ୍ରାର୍ଥନା, ଗୋଶାଳାକୁ ଯାଇ ଗାଈ ମାନଙ୍କର ସେବା ନିଜେ କରନ୍ତି। ଦୀନଦରିଦ୍ରଙ୍କର ସେବା କରିବାକୁ ଓ ମାଙ୍କୁ ଖାଦ୍ୟ ପୁଡ଼ିଆ ତିଆରି କରି ଦେବା ପାଇଁ ଶିକ୍ଷା ଦେଇଥାନ୍ତି। ମୋର ବାପା ମାଧବଙ୍କର ଭଜନ ଗାନ କରିବାକୁ ଭଲ ପାଉଥିଲେ। ସେ ଏପରି କାହିଁକି କରୁଛନ୍ତି ଦିନେ ପଚାରିବାରୁ ସେ କହିଥିଲେ ମାର ଅର୍ଥ ମାୟା, ଧବର ଅର୍ଥ ପ୍ରଭୁ ସେ ଜାତ ହେଉଛନ୍ତି, ନାଶ ହେଉଛନ୍ତି, ଜୀବନ ମାୟାର ଅଂଶ। ସାଧକ ହେଉଛନ୍ତି ସର୍ବମୟ କର୍ତ୍ତା। ଏତେ ବଡ଼ ବଡ଼ କଥା ମୋ ମୁଣ୍ଡରେ ପଶୁନଥିଲା।

ଖରା ଦିନେ ସହରର ବିଭିନ୍ନ କେନ୍ଦ୍ରକୁ ନେଇ ମାଟି ହାଣ୍ଡିରେ ପାଣି ରଖି ପଥିକମାନଙ୍କୁ ସେ ପାଣି ଯୋଗାଇ ଥାନ୍ତି। ସେ ଧନାଢ୍ୟ ବ୍ୟକ୍ତିଙ୍କ ସହାୟତାରେ ଅନେକ ଗରୀବ ଝିଅମାନଙ୍କର ବାହାଘର କରି ତାଙ୍କର ଘର ବସାଇଛନ୍ତି। ଜାନୁଆରୀ ୨୬, ଅଗଷ୍ଟ ପନ୍ଦର ପ୍ରଭୃତି ଦିନ ମାନଙ୍କରେ ସେ ଦେଶପ୍ରେମର ବାର୍ତ୍ତା ସ୍କୁଲର ପିଲାମାନଙ୍କୁ ଦେଉଥିଲେ। ପୂଜାପାର୍ବଣ ଗୁଡ଼ିକରେ ଭଜନ, ଧ୍ୟାନ, ନୀରବତା, ସଞ୍ଚୟ ଅଭ୍ୟାସ ପ୍ରଭୃତିର ମହତ୍ୱ ଅକ୍ଷରେ ଅକ୍ଷରେ ବୁଝାଇ ଦେଉଥିଲେ। ତାଙ୍କୁ ଘରେ ବାହାରେ ସମସ୍ତେ ଏକ ପ୍ରାଣରେ ଭଲ ପାଉଥିଲେ। ମୋ ବାପା ମୋ ପାଇଁ ଏକରନମ୍ବର ଭଗବାନ ଥିଲେ କାରଣ ସେ ସଚରାଚର ଜଗତରେ ଭଗବାନ ଦିବ୍ୟମାନ ଅଛନ୍ତି ବୋଲି ବୁଝାଇବା ସହିତ ଇତର ଜଗତର ସେବା କରୁଥିଲେ। ଭଗବାନଙ୍କ ପ୍ରଦତ୍ତ ପଞ୍ଚମହାଭୂତର (ଆକାଶ, ବାୟୁ, ଜଳ, ପୃଥିବୀ, ଅଗ୍ନି) କିପରି ବ୍ୟବହାର କରିବାକୁ ହୁଏ ତାହାକୁ ଶିକ୍ଷା ଦେଉଥିଲେ। ସମସ୍ତଙ୍କୁ ଭଲ ପାଇବା ଓ ସର୍ବଦା ଆନନ୍ଦରେ ରହିବାକୁ ଉପଦେଶ ଦେଉଥିଲେ। ମୋର କାଲିପରି ମନେ ଅଛି ଯେଉଁଦିନ ମୋ ରବାପା ତାଙ୍କର ଅବସର ନେବା ବିଷୟରେ ଘୋଷଣା କଲେ, ମାଙ୍କ ମନ ଦୁଃଖି ହୋଇଯାଇଥିଲା। ଏତେ ବଡ଼ ସଂସାର ଅଧା ପଇସାରେ ଚଳିବ କିପରି ବାପା କିନ୍ତୁ ଅବସର କଥାରେ ଖୁବ ଖସି। ଡାକ୍ତର, ଇଂଜିନିୟର, ଓକିଲ ଏପରିକି ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ସମସ୍ତେ ଅବସର ନିଅନ୍ତି କିନ୍ତୁ ତାଙ୍କର ଅବସର ନେବାର ଦିନର ଆସିଯାଉଥିବା ସମୟକୁ ନେଇ ପରିବାରର ଲୋକମାନେ ଏତେ ଦୁଃଖିତ କାହିଁକି ? ଏହାର କାରଣ ଥିଲା ବାପା ଥିଲେ ଆମର କଳ୍ପବୃକ୍ଷ। ଆମେ ଜାଣିଥିଲୁ ଆମେ ମାଗିବା ମାତ୍ରେ ଆମର ଉଚିତ ପ୍ରାର୍ଥନା ଗୁଡ଼ିକୁ ସେ ଶୁଣୁଥିଲେ ଓ ପୂରଣ କରୁଥିଲେ ଓ ଅବସର ପରେ ସେ ସବୁ ଊଣା ହୋଇଯିବାର ଆଶଙ୍କାରେ ଆମେ ଶଙ୍କିତ ଥିଲୁ। ମୁଁ କିନ୍ତୁ ମୋର ମନର ଭାବନାକୁ କାହା ଆଗରେ ପ୍ରକାଶ କରିନଥିଲି। ବାପାଙ୍କ ଶେଷ ସମୟ ଉପସ୍ଥିତ ହେଲା। ଭାଇ, ବନ୍ଧୁ, କୁଟୁମ୍ବ ତାଙ୍କର ଛାତ୍ର ସମାଜର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ଥାଇ କ୍ରନ୍ଦନ କରୁଥାନ୍ତି। ସମସ୍ତଙ୍କ ପାଟିରେ ଗୋଟିଏ କଥା, 'ଆପଣ କାହିଁକି ଆମକୁ ଛାଡ଼ି ଚାଲିଯାଉଛନ୍ତି। ଆପଣଙ୍କୁ ଖୁସି କରିବାରେ କେବେ ଅବହେଳା କରିଛୁକି ? ଆପଣ କୁହନ୍ତୁ ଆପଣଙ୍କୁ ଖୁସି କରିବାକୁ ଆମେ କଣ କରିବୁ ? ଦରକାର ପଡ଼ିଲେ ଆମର ସ୍ତ୍ରୀ ପିଲା ସମସ୍ତଙ୍କୁ ଛାଡ଼ି ତୁମ ପାଖକୁ ଚାଲି ଆସିବୁ। ଆମେ ଆମର ଚକ୍ଷୁ, ବୃକକ, ହୃଦୟ ସବୁ କିଛି ଦାନ କରିବାକୁ ରାଜି ଅଛୁ। ଦରକାର ପଡ଼ିଲେ ସମସ୍ତ ଧନ ମଧ ଆପଣଙ୍କୁ ଦେଇଦେବୁ ହେଲେ ଆପଣ ଆମକୁ ଛାଡ଼ି ଯାଆନ୍ତୁ ନାହିଁ। ମୋର ବାପା ଚିରନିଦ୍ରାରେ ଶୋଇଯିବା ପୂର୍ବରୁ ଯେଉଁ କେତୋଟି କଥା କହିଥିଲେ ତାହା ଆଜି ମଧ ମୋ ମନରେ ଝଙ୍କୃତ ହେଉଛି ତାହାଥିଲା 'ମୁଁ ତୁମକୁ କଷ୍ଟ ଦେବା ପାଇଁ ତୁମର ବାପା ହୋଇନଥିଲି। ମୁଁ ତୁମର ଧନ ସମ୍ପତ୍ତି କିଛି ଚାହୁଁ ନଥିଲି। ତୁମର ସ୍ତ୍ରୀ, ପିଲାଙ୍କୁ ଦୁଃଖ ପହଞ୍ଚାଇବା ପାଇଁ ମୁଁ ଆସି ନଥିଲି। ମୁଁ ତୁମ ମାନଙ୍କ ଠାରୁ ଏତିକି ଚାହୁଁଥିଲି, ତୁମେ ସବୁବେଳେ ସବୁ ସମୟରେ ଆନନ୍ଦରେ ରୁହ। ନିଃସ୍ୱାର୍ଥ ପ୍ରେମ ଓ ସେବାରେ ବ୍ରତୀ ହୁଅ।'

ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦, ସିଡିଏ,
କଟକ, ଦୂରଭାଷ : ୯୬୯୨୯୮୦୦୨୬

# କ'ଣ ବିଶ୍ୱରେ ସ୍ଥାୟୀ ଶାନ୍ତି ସମ୍ଭବ ?

॥ ମୌଲାନା ଫଜଲ ହକ ଖାଁ ॥

ସେ ଦିନ ଥିଲା ୨୨ ଜାନୁଆରୀ ୨୦୨୩ । ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ପକ୍ଷରୁ ଭୁବନେଶ୍ୱରର ତାରକା ହୋଟେଲ ପାଲ୍ ହାଇଟ୍ସ ଠାରେ ଏକ ଶାନ୍ତି ସମ୍ମିଳନୀରେ ଯୋଗଦେବାର ସୌଭାଗ୍ୟ ପାଇଥିଲି । ଦେଖିବାକୁ ପାଇଲି, ସେଠିକାର ପରିବେଶ, ପରିଭାଷା, ମନ ଓ ମତାମତ ଶାନ୍ତିକୁ ଖୋଜୁଛି । ଏହି ମହାନ ସମ୍ମିଳନୀରେ ସ୍ୱୟଂ ମହାମହିମ ରାଜ୍ୟପାଳ ପ୍ରୋଫେସର ଶ୍ରୀ ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ମଂଚରେ ବିରାଜିତ ଥିଲେ। ତାଙ୍କ ଗହଣରେ ଥିଲେ, କେତେକ ୟୁନିଭରସିଟିର ଉପକୁଳପତିମାନେ ଏବଂ ବୁଦ୍ଧିଜୀବୀମାନେ, ରାଜନେତାମାନେ । ସେହିଭଳି ହଲ୍‌ରେ ଭରି ରହିଥିଲେ ଅନେକ ପୂର୍ବତନ ସାମରିକ ଅଫିସରମାନେ, ଶିକ୍ଷା କ୍ଷେତ୍ରରେ ଥିବା ମେଧାବୀ ଛାତ୍ର-ଛାତ୍ରୀମାନେ, ରିସର୍ଚ୍ଚ ସ୍କଲାରମାନେ, ଆଇନଜୀବୀମାନେ, ଡ଼ାକ୍ତରମାନେ, ଇଂଜିନିୟରମାନେ, ସମାଜସେବୀମାନେ, ସର୍ବଭାରତୀୟ ସ୍ତରର ଅନେକ ଖେଳାଳିମାନେ, ସକଳ ଧର୍ମର ପ୍ରତିନିଧିମାନେ ତଥା ସାମ୍ବାଦିକମାନେ । ତାଙ୍କ ଭିତରେ ଚାଲିଥିଲା ଆଲୋଚନା କି କାହିଁକି ଏଭଳି ଗୋଟିଏ ବିଷୟ ଉପରେ ଚର୍ଚ୍ଚାର ଆବଶ୍ୟକ ଅନୁଭୂତ ହେଲା । ସତରେ କ'ଣ ଏମିତି ଗୋଟିଏ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଏକ ବିକଶିତ ସମାଜରେ କାହିଁକି ଏହାର ଦରକାରିତା ସମସ୍ତଙ୍କୁ ବ୍ୟତିବ୍ୟସ୍ତ କରିପାରିଛି ।

ପ୍ରକୃତରେ ଆଜି ଆମେ ଯେଉଁ ଦିଗକୁ ଦୃଷ୍ଟି ପକାଉଛେ, କେଉଁଠି ଅଘଟଣ, ଦୃର୍ଘଟଣା ତ କେଉଁଠି ବିପଦ ଆପଦ । ଆଉ କେଉଁଠି ଅସ୍ଥିରତା ତ କେଉଁଠି ଅରାଜକତା। କେଉଁଠି ହଣା-କଟା ତ କେଉଁଠି ଟଣା-ଓଟରା । କେହି କାହାର ନେଇଗଲାଣି ତ କେହି କାହାରିକୁ ଦେଉନାହିଁ । ଏହିଭଳି ବ୍ୟକ୍ତିଗତ ଅବସ୍ଥାରୁ ଆରମ୍ଭ କରି ରାଷ୍ଟ୍ରୀୟ ଓ ଅନ୍ତରାଷ୍ଟ୍ରୀୟ ସ୍ତରରେ ବି ଦୈନନ୍ଦିନ ଜୀବନରେ ଆମେ ବ୍ୟସ୍ତ ବିବ୍ରତ ହୋଇଯିବାର ଦେଖୁଛେ । ଆମେ ସମସ୍ତେ ଶାନ୍ତିର ଆଶାରେ ଧାଉଁଛେ, ହେଲେ ତାହା ମରୀଚିକା ପରି ଆମର ହାତରେ ଧରା ପଡୁ ନାହିଁ । ବିଶୃଙ୍ଖଳା ଓ ହିଂସା ସାରା ପୃଥିବୀକୁ ଗିଳିବାକୁ ଲାଗିଛି । ଏପରି କି ଜାତିଭେଦ, ବର୍ଣ୍ଣଭେଦ, ଧର୍ମଭେଦର ବିଦ୍ୱେଷ ଦିନକୁ ଦିନ ବଢିବାରେ ଲାଗିଛି । ଧନୀ ଓ ଦରିଦ୍ରଙ୍କ ମଧ୍ୟରେ ତଫାତ ବହୁତ ବଢିବାରେ ଲାଗିଛି । ଏହିଭଳି ପରିସ୍ଥିତିରେ ଗୋଟିଏ ଶାନ୍ତ, ସରଳ ଓ ସାଧାରଣ ମଣିଷଟି ଆଜି ବେସାହାରା ହୋଇଯାଇଛି । ଠିକ-ଭୁଲ ବିଚାର କରିବାରେ ଏହି ନିରୀହ ମଣିଷଟି ଦ୍ୱନ୍ଦରେ ପଡ଼ିଯାଇଛି । ବିଶ୍ୱର ଅନେକ ସ୍ଥାନରେ ଯେଉଁ ସରକାର ସାଧାରଣ ଲୋକଙ୍କର ଭଲ କରିବାର ପ୍ରତିଶୃତି ଦେଉଛି, ଶାସନ କ୍ଷମତାକୁ ଆସିବା କ୍ଷଣେ ସେହି ନିରୀହ ଲୋକଙ୍କ ସ୍ୱାର୍ଥ ବିରୁଦ୍ଧରେ କାମ କରୁଛି। ସଂଖ୍ୟାଲଘୁ ଉପରେ ସଂଖ୍ୟା ଗରିଷ୍ଠଙ୍କର ପ୍ରାଦୁର୍ଭାବ ବଢୁଛି । ତେବେ ଏଭଳି ଏକ ପରିସ୍ଥିତିରେ ଆମେ କ'ଣ ଚୁପ ବସିବା । କାହିଁକି ଆମେ ଏକ ସୁସ୍ଥ ଓ ଆଦର୍ଶ ସମାଜର ପରିକଳ୍ପନା କରିପାରିବା ନାହିଁ । କାହିଁକି ବିକାଶର ଫଳ କେବଳ କେତେକ ମୁଷ୍ଟିମେୟ ଲୋକଙ୍କ ପାଖରେ ସୀମିତ ରହିଯାଉଛି । ତେବେ ଏକ ସଭ୍ୟ ସମାଜରେ ସମସ୍ତଙ୍କ ମନ ଓ ସ୍ୱାର୍ଥକୁ ନେଇ ଏକ ବିକଶିତ ସମାଜ କାହିଁକି ଗଠନ ହୋଇପାରିବ ନାହିଁ। କାହିଁକ ଆମେ ନିଜ ସ୍ୱାର୍ଥରୁ ଉପରକୁ ଉଠି ଏକ ସୁସ୍ଥ ସମାଜର ସ୍ୱପ୍ନ ଦେଖିପାରିବା ନାହିଁ । ଏହି ପ୍ରଶ୍ନର ଉତର ଖୋଜିବା ପାଇଁ ତଥା ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ସେଠି ସମସ୍ତେ ଏକତ୍ରିତ ହୋଇ ପାରିଥିଲେ। ଅହମଦୀୟା ମୁସଲିମ ସଂଗଠନର ଦୃଢ ବିଶ୍ୱାସ ଯେ ଏହିଭଳି ଏକ ପୃଥିବୀ ବା ଶାନ୍ତିର ରାଜ୍ୟ ନିଶ୍ଚିତ ସମ୍ଭବ ।

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ବା ଆମ ରାଜ୍ୟ ଓଡ଼ିଶା । ଓଡ଼ିଶାର ଅଧିବାସୀ ଯୁଗେଯୁଗେ ଶାନ୍ତିର ପର୍ବକୁ ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଆସୁଛନ୍ତି । ଚଣ୍ଡାଶୋକ ଧର୍ମାଶୋକ ହୋଇପାରୁଛି । ସେହି ଭଳି ଭକ୍ତ ସାଲବେଗ ହୁଅନ୍ତୁ ବା ଦାଶିଆ ବାଉରୀ ହୁଅନ୍ତୁ, ମନ୍ଦିର ମାଳୀନୀ ସହର ଏହି ଏକାମ୍ର ସହର ହେଉ, ବା ଜଗନ୍ନାଥ ସଂସ୍କୃତିର ଦେଶ, ଓଡ଼ିଆ ସମାଜ ସବୁ ଭେଦଭାବକୁ ଭୁଲି ସବୁଠି ଶାନ୍ତିର ପ୍ରୟାସ ଜାରି ରଖିଛି । ବିଶ୍ୱ ଭାତୃତ୍ୱ ପାଇଁ ଆମ ରାଜ୍ୟ ସବୁବେଳେ ଏକ ଉଦାହରଣ ହୋଇଛି । ଉତ୍କଳର ନୌବାଣିଜ୍ୟ କଥା ହେଉ ବା ସୂକ୍ଷ୍ମ କାରିଗର ଏବଂ କାରିଗରୀ, ତାରକସି ଶିଳ୍ପ ହେଉ ବା ବାନ୍ଧକଳା ସମ୍ବଲପୁରୀ ବା ମାଣିଆବନ୍ଧ, ନୂଆପାଟଣା ପାଟ ଶାଢି ହେଉ । ସବୁ କ୍ଷେତ୍ରରେ ଓଡ଼ିଶାବାସୀ ନିଜର ନିଖୁଣତା ଓ ପାରଦର୍ଶିତା ଦେଖାଇ ଆସିଛନ୍ତି। ଏହି କଥା ସବୁ ମନେ ପଡ଼ିଗଲେ ଲାଗୁଛି ଏହି ଶାନ୍ତି ପ୍ରତିଷ୍ଠା ଦିଗରେ ଆମକୁ ହିଁ ଅଂଟା ଭିଡ଼ିବାକୁ ହେବ । ନିଜେ ଶାନ୍ତିର ମାର୍ଗ ବାହାର କରି ସାରା ବିଶ୍ୱକୁ ଏହି ଶାନ୍ତିର ଆଲୋକରେ ଆଲୋକିତ କରିବାକୁ ହେବ । ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଭୁବନେଶ୍ୱର ଶାଖା ଅହମଦୀୟା ମୁସଲିମ ସଂଗଠନର ଏହି ଶାନ୍ତି ସମ୍ମିଳନୀ ନିଶ୍ଚିତ ଏକ ମାଇଲ ଖୁଂଟ ହେବ । ଶାନ୍ତି ପ୍ରାପ୍ତ ସମ୍ବନ୍ଧରେ ଗୀତାରେ ଲେଖାଅଛି; ତମେବ ଶରଣଂ ଗଚ୍ଛ, ସର୍ବଭାବେନ ଭାରତ / ତତ୍‌ପ୍ରସାଦାତ୍ ପରାଂଶାନ୍ତି, ସ୍ଥାନଂ ପ୍ରାପ୍ସ୍ୟସି ଶାଶ୍ୱତଂ ॥ ଅର୍ଥାତ୍ ହେ ଭାରତ ! ତୁମ୍ଭେ ସର୍ବତୋ ଭାବରେ ସେହି ପରମେଶ୍ୱରଙ୍କ ଠାରେ ଶରଣ ପଶ । ତାହାଙ୍କ ଅନୁଗ୍ରହରୁ ତୁମ୍ଭେ ପରମ ଶାନ୍ତି ଓ ନିତ୍ୟଧାମ ପ୍ରାପ୍ତ ହେବ । (ଶ୍ରୀମଦ୍‌ଭଗବଦ୍‌ଗୀତା, ଅଧ୍ୟାୟ ୮, ଶ୍ଳୋକ୬୨) ସେହିଭଳି ପବିତ୍ର କୋରାନରେ ଲେଖାଅଛି; "ଅଲା ବିଜିକ୍‌ରିଲ୍ଲାହି ତତ୍‌ମଇନ୍ନଲ୍‌କୁଲୁବ୍" ଅର୍ଥାତ୍ ମନେରଖ ଯେ ଅଲ୍ଲାଃଙ୍କ ସ୍ମରଣରେ ହିଁ ହୃଦୟ ସନ୍ତୋଷ ଲାଭ କରେ । (ପବିତ୍ର କୋରାନ, ଅଧ୍ୟାୟ ୧୩, ଆୟତ ୨୯) ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନର ପଂଚମ ଖଲିଫା ହଜରତ ମିର୍ଜା ମସରୁର ଅହମଦ ଏବେ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରକୁ ଭ୍ରମଣ କରି ସେଠାକାର ନେତା ଓ ରାଜନେତା ତଥା ପ୍ରଶାସକଙ୍କୁ ଭେଟି ବିଶ୍ୱରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କରିବା ଏବଂ ତୃତୀୟ ବିଶ୍ୱଯୁଦ୍ଧକୁ କିପରି ମିଳିମିଶି ରୋକି ପାରିବା ସେ ବିଷୟରେ ପ୍ରୟାସ କରିଚାଲିଛନ୍ତି । ମିର୍ଜା ମସରୁର ଅହମଦ କୁହନ୍ତି; ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ୧୦ଗୋଟି ମୌଳିକ ନୀତି ରହିଛି । ତାହା ହେଲା ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନିବା। ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରିବା । ବିଶ୍ୱବ୍ୟାପୀ ଏକତାକୁ ପ୍ରଶୟ ଦେବା । ପରମାଣୁ ଅସ୍ତ୍ର ବର୍ଜନ କରିବା। ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ ବନ୍ଦ କରିବା । ଅର୍ଥନୈତିକ ସମାନତା ସୃଷ୍ଟି କରିବା ଏବଂ ଦାରିଦ୍ର ଦୂର କରିବା । ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରିବା। ଚରମପନ୍ଥୀ ଦଳର ପ୍ରତିବାଦ କରିବା । ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରିବା । ଏବଂ ମାନବ ଜାତିର ସେବା କରିବା ।

ଆସନ୍ତୁ ଆମେ ସମସ୍ତେ ମିଳି ମିଶି ସ୍ଥାୟୀ ବିଶ୍ୱଶାନ୍ତି ପ୍ରତିଷ୍ଠା ଦିଗରେ ନିଜ ନିଜର କର୍ତ୍ତବ୍ୟ ବହନ କରିବା ଏବଂ ମିର୍ଜା ମସରୁର ଅହମଦଙ୍କ ଏହି ଚିନ୍ତାଧାରାକୁ ସ୍ୱାଗତ କରିବା ସହ ଏହାର ସଦ୍‌ଉପଯୋଗ କରି ବିଶ୍ୱ କଲ୍ୟାଣ ଦିଗରେ ପ୍ରୟାସ ଜାରି ରଖିବା। ଏହା ହିଁ ଆମର କାମନା ।

ଭୁବନେଶ୍ୱର, ୟୁନିଟ-୪
ମୋ.୯୬୯୨୨୨୫୦୫୭



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଗଜପତି ଜିଲ୍ଲାରେ ଦଶମ ପାସହାର ୯୯.୩୧ ପ୍ରତିଶତ, ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର



ପାରଳାଖେମୁଣ୍ଡି, (ମହାଭାରତ) ; ସଦ୍ୟ ପ୍ରକାଶିତ ଦଶମ ବୋର୍ଡ ପରୀକ୍ଷାର ଫଳାଫଳରେ ଗଜପତି ଜିଲ୍ଲା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି ।ଗଜପତି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କର ପାସହାର ୯୯.୩୧% ରହିବା ସହିତ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗଜପତି ଜିଲ୍ଲାରେ ମୋଟ ୧୬୧ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୮୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ। ଆଜି ସଦ୍ୟ ପ୍ରକାଶିତ ପରୀକ୍ଷା ଫଳାଫଳ ଅନୁଯାୟୀ ଜିଲ୍ଲାରେ ଏ-୧ ରେ-୬ଜଣ,ଏ-୨ ରେ ୩୯୫ ଜଣ, ବି-୧ ରେ ୧୭୯୫ ଜଣ, ବି-୨ ରେ ୨୩୭୩ ଜଣ, ସି ରେ ୨୦୪୬ ଜଣ,ଡି ରେ ୧୧୩୨ ଜଣ, ଇ ରେ ୧୮୦ ଜଣ ଓ ଏଫ ବର୍ଗରେ ୫୫ ଜଣ ଏପରି ଭାବରେ ମୋଟ ୭୯୨୭ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ମାତ୍ର ୫୫ ଜଣ ଛାତ୍ରଛାତ୍ରୀ ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି ।ପାସ୍ କରିଥିବା ପରୀକ୍ଷାର୍ଥୀଙ୍କ ମଧ୍ୟରେ ୩୯୮୮ଜଣ ଛାତ୍ରୀ ଓ ୩୯୩୯ ଜଣ ଛାତ୍ର ରହିଥିବା ଜଣାପଡ଼ିଛି ଏହି ସଫଳତା ବଜାୟ ରଖିବା ପଛରେ ଜିଲ୍ଲା ଶିକ୍ଷା ଅଧିକାରୀ, ଗଜପତି ଡ଼ଃ ମାୟାଧର ସାହୁ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଏସ୍. ଗିରିଧର, ଜିଲ୍ଲା ବିଜ୍ଞାନ ସଂଯୋଜକ ଶ୍ରୀ ଏ. ରବି କୁମାରଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଉତ୍ତମ ପରୀକ୍ଷା ପରିଚାଳନାର ଫଳାଫଳ ବୋଲି ଅଭିଭାବକମାନେ ସ୍ୱୀକାର କରିବା ସହ ସାଧୁବାଦ ଜଣାଇଛନ୍ତି।

## ରେଙ୍ଗାଲି ଜଳଭଣ୍ଡାର ହେବ ମତ୍ସ୍ୟ ଚାଷର ପ୍ରୟୋଗ ଶାଳା

କଣିହାଁ, (ମହାଭାରତ ) : ଆଜି କଣିହାଁ ବ୍ଲକ ରେଙ୍ଗାଳି ଠାରେ ଥିବା ଓଏଚପିସି ଅତିଥି ଭବନ ପରିସରରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଏବଂ ଏମଏସେମି ବିଭାଗର କାର୍ଯ୍ୟକାରିତା ବିଷୟ କୁ ନେଇ ଏକ ଉଚ୍ଚ ସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ଏହି ବୈଠକରେ ଓଡିଶା ସରକାର ଙ୍କ ମାନ୍ୟବର ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ ଓ ପାଳଲହଡ଼ା ର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ଅଶୋକ ମହାନ୍ତି ଯୋଗ ଦେଇଥିଲେ । ଏହି ବୈଠକ ରେ ରେଙ୍ଗାଳି ଜଳଭଣ୍ଡାର ଠାରେ କେଜ କଲଚର ସମ୍ପ୍ରସାରଣ , ମତ୍ସ୍ୟ ପାଳନ ପଶୁପାଳନ ର ସଶକ୍ତି କରଣ ଏବଂ ସ୍ଥାନୀୟ ଅଞ୍ଚଳ ରେ କ୍ଷୁଦ୍ର ଶିଳ୍ପ ର ବିକାଶ ମାଧ୍ୟମରେ କର୍ମ ନିଯୁକ୍ତି ସୃଷ୍ଟି କରିବା ବିଷୟରେ ଆଲୋଚନା କରାଯାଇଅଛି । ବିଶେଷ କରି ମତ୍ସ୍ୟ ଚାଷ ର ବିକାଶ ପାଇଁ ରେଙ୍ଗାଳି ଜଳ ଭଣ୍ଡାର ଠାରେ ହୋଇଥିବା କେଜ କଲଚର କୁ ଦେଖି ତାହାର ସଂପ୍ରସାରଣ ବିଷୟରେ ଆଲୋଚନା କରିଥିଲେ ।ବର୍ତ୍ତମାନ ସ୍ଥିତି ରେ ରେଙ୍ଗାଳି ଜଳ ଭଣ୍ଡାର ଠାରେ ରାଜ୍ୟ ସରକାର ଙ୍କ ପକ୍ଷରୁ ଚାରି କୋଟି ବେୟ ରେ ୪ ଗୋଟି କେଜ କଲଚର ଆରମ୍ଭ ହୋଇଥିଲା ବେଳେ ଗୋଟିଏ କେଜେ କଲଚର ମୂଲ୍ୟ ୧କୋଟି ଟଙ୍କା ଅଟେ ଗୋଟିଏ ରୁ ପ୍ରାୟ ୩୦ ଟନ ମାଛ ଉତ୍ପାଦନ ହେବାର ସମ୍ଭାବନା ଅଛି ମତ୍ସ୍ୟ ଚାଷ ର ବୃଦ୍ଧି ପାଇଁ ଆଉ ପ୍ରାୟ ୧୨୬ ଗୋଟି କେଜ କଲଚର ନିର୍ମାଣ ସହ ରେଙ୍ଗାଳି କୁ ଏକ କେଜ କଲ ଚର ପ୍ରୟୋଗ ଶକ୍ଷଳା କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ମଲିକ ପ୍ରକାଶ କରିଛନ୍ତି । ଏଠାରେ ମାଛ ଚାଷ ପାଇଁ ପ୍ରକୃଷ୍ଟ ସ୍ଥାନ ଅଟେ ମାଛ ପ୍ରକ୍ରିୟା କରଣ ଶିଳ୍ପ ପାଇଁ ସରକାର ଙ୍କୁ ପ୍ରସ୍ତାବ ଦେବା ପାଇଁ ପ୍ରକାଶ କରିଥିଲେ, ସେହିପରି ରେଙ୍ଗାଳି ଓ ସହର ଗୁରୁଜାଙ୍ଗ ଠାରେ ମାଛ ପ୍ରକ୍ରିୟା କରଣ ଶିଳ୍ପ ସ୍ଥାପନ ପାଇଁ ବିଧାୟକ ତଥା ଜିଲ୍ଲା ଯୋଜନାକମିଟି ଅଧକ୍ଷ ଅଧକ୍ଷ ଅଶୋକ ମହାନ୍ତି ମନ୍ତ୍ରୀ ଙ୍କୁ ଅନୁରୋଧ କରିଥିଲେ ପାଳଲହଡା ନିର୍ବାଚନ ମଣ୍ଡଳୀ ମତ୍ସ୍ୟ ଜୀବି ସମ୍ପ୍ରଦାୟ ଙ୍କ ଆର୍ଥିକ ବିକାଶ ପାଇଁ ଯୋଜନା କାର୍ଯ୍ୟକାରି ପାଇଁ ଅନୁରୋଧ କରିଥିଲେ ମତ୍ସ୍ୟ ସମବାୟ ସମିତି ଗୁଡିକୁ ମତ୍ସ୍ୟ ଚାଷ କରିବା ପାଇଁ ମତ୍ସ୍ୟ ଚାଷୀ ପାଇଁ ଆବଶ୍ୟକୀୟ ଜାଲ , ମୋଟର ଚାଳିତ ବୋଟ , ଆଇସ ବାକ୍ସ ଦେବାକୁ ମଧ ଘୋଷଣା କରିଛନ୍ତି ।ଏହି ପ୍ରକଳ୍ପ ପାଇଁ ୧୨୬ କୋଟି ଟଙ୍କା ର ପ୍ରସ୍ତାବ ସରକାର ଙ୍କ ପାଖକୁ ପ୍ରସ୍ତାବିତ କରାଯାଇଥିବା ମାନ୍ୟବର ମନ୍ତ୍ରୀ ସୂଚନା ଦେଇଛନ୍ତି ।ଏହା ସହ ମାନ୍ୟବର ମନ୍ତ୍ରୀ ରାଜ୍ୟ ର ଅର୍ଥନୀତି କୁ ସୁଦୃଢ଼ କରିବା ସହ ରାଜ୍ୟ ମତ୍ସ୍ୟ ଚାହିଦା ମେଣ୍ଟାଇପାରିବ ପ୍ରତିଟି ସରକାରୀ ସୁବିଧା କୁ ହିତାଧିକାରୀ ଙ୍କ ପାଖରେ ନିର୍ଦ୍ଧାରିତ ସମୟରେ ପହଞ୍ଚାଇବାକୁ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହି ବୈଠକ ରେ ଜିଲ୍ଲା ମତ୍ସ୍ୟ ଅଧିକାରୀ , ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ , ଜିଲ୍ଲା ଶିଳ୍ପ କେନ୍ଦ୍ର ର ମହାପ୍ରବନ୍ଧକ ସମେତ ସମସ୍ତ ବ୍ଲକ ଓ ଜିଲ୍ଲା ସ୍ତର ର ଅଧିକାରୀ ମାନେ ଉପସ୍ଥିତ ଥିଲେ ଉପସ୍ଥିତ ଥିଲେ ।

## ବିବେକାନନ୍ଦ ୟୁଥ କ୍ଲବ ତରଫରୁ ରକ୍ତ ଦାନ ଶିବିର




ପାରାଦୀପ, (ମହାଭାରତ) : ଆଜି ବିଶ୍ୱ ଶ୍ରମିକ ଦିବସ । ଏହି ଦିନଟି ବିଶ୍ୱ ନିର୍ମାଣ ରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଶ୍ରମିକ ଭାଇ ଭଉଣୀ ମାନଙ୍କ ପାଇଁ ଉତ୍ସର୍ଗ କରାଯାଇଥିବା ବେଳେ ପାରାଦୀପ ର ଅଗ୍ରଣୀ ଯୁବ ସଂଗଠନ ବିବେକାନନ୍ଦ ୟୁଥ କ୍ଲବ ତରଫରୁ ଏକ ସ୍ୱଚ୍ଛକୃତ ରକ୍ତଦାନ ଶିବିର ଆୟୋଜନ କରି ଶ୍ରମିକ ମାନଙ୍କ ଉଦ୍ଦେଶ୍ୟ ରେ ସମର୍ପିତ କରିଛନ୍ତି ।ଏହି କ୍ଲବ ର ସଂଖ୍ୟାଧିକ ସଦସ୍ୟ ଶ୍ରମିକ ଶ୍ରେଣୀ ର ହୋଇଥିବା ବେଳେ କିଛିବର୍ଷ ହେବ କ୍ରମାଗତ ଭାବରେ ଶ୍ରମିକ ଦିବସ ଅବସରରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ଆସୁଛି । ଆଜି ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କୁ ଉଦଘାଟନ କରିଥିଲେ ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଯୁବକ ମାନଙ୍କ ଏହିଭଳି ପ୍ରୟାସ କୁ ଉଚ୍ଚ ପ୍ରଶଂସା କରିଥିଲେ, ସେହିଭଳି ପାରାଦୀପ ନଗର ବିଜେପି ସଭାପତି ସୁବ୍ରତ ପ୍ରଧାନ ବିବେକାନନ୍ଦ ୟୁଥ କ୍ଲବ ର ସମସ୍ତ ସଦସ୍ୟ ଓ ପାରାଦୀପ ର ଶ୍ରମିକ ଭାଇ ଭଉଣୀ ମାନଙ୍କୁ ଶ୍ରମିକ ଦିବସ ର ଅଭିନନ୍ଦନ ଜଣାଇବା ସହିତ ଯୁବକ ମାନଙ୍କ ସ୍ୱେଚ୍ଛାକୃତ ମନୋଭାବ ଓ ସମାଜସେବା କାର୍ଯ୍ୟ କୁ ପ୍ରଶଂସା କରିବା ସହିତ ଏହି ଯୁବ ସଂଗଠନ ର ଉତ୍ତୋରାତ୍ତର ଉନ୍ନତି କାମନା କରିଛନ୍ତି ।

# ପାରଳା ସହରର ଫୁଟପାଥ ବ୍ୟବସାୟୀଙ୍କ କବଜାରେ, ପ୍ରଶାସନ ନୀରବଦ୍ରଷ୍ଟା




ପାରଳାଖେମୁଣ୍ଡି, (ମହାଭାରତ) : ଗଜପତି ଜିଲ୍ଲାର ଏକ ମାତ୍ର ପୌର ପରିଷଦ ପାରଳାଖେମୁଣ୍ଡି ସଦର ମହକୁମାରେ ବ୍ୟବସାୟୀ ମାନଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଫୁଟପାଥକୁ ଜବରଦଖଲ କରି ବ୍ୟବସାୟ କରିବା ଫଳରେ ରାସ୍ତା ସଙ୍କୁଚିତ ହୋଇ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି। ପୌର ପ୍ରଶାସନର ନୀରବତା ନିଜର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଷ୍ଟାଡିୟମରେ ସମ୍ମୁଖରେ ବିଭିନ୍ନ ବ୍ୟବସାୟୀମାନେ ସ୍ଥାୟୀ ପିଣ୍ଡି ତିଆରି କରି ସେଠାରେ ମାଛ,ମାଂସ,ଅଣ୍ଡା ପ୍ରଭୃତି ବିକ୍ରି କରି ପରିବେଶକୁ ଦୂଷିତ କରୁଥିବା ଦେଖାଯାଇଛି। ସେହିପରି ପୋଲିସ ଥାନା ଛକ ଠାରୁ ପୁରୁଣାପାଟଣା ଯିବା ରାସ୍ତାରେ ପଶୁ ଚିକିତ୍ସାଳୟ ନିକଟରେ ଫୁଟପାଥକୁ ସମ୍ପୂର୍ଣ୍ଣ ଭାବରେ କବଜା କରଥିବାର ଦେଖାଯାଉଛି। ମୂଖ୍ୟ ବଜାର ନିକଟରେ ବାରମ୍ବାର ଅଧିଗ୍ରହଣ ହଟାଯାଉଥିବା ସତ୍ତ୍ୱେ ବ୍ୟବସାୟୀମାନେ ବାରମ୍ବାର ସେହି ସ୍ଥାନରେ ହିଁ ବସି ବ୍ୟବସାୟ କରୁଥିବା ପରିଲକ୍ଷିତ ହୋଇଛି। ହାଇସ୍କୁଲ ଛକ ନିକଟରେ ପୌର କର୍ତ୍ତୃପକ୍ଷ ଯେଉଁଠି ନୋ ଭେଣ୍ଡିଙ୍ଗ ଜୋନ୍ ବୋର୍ଡ ? ଲଗାଇଛନ୍ତି ସେହି ସ୍ଥାନରେ ପୁଣିଥରେ ଦୋକାନ ବଜାର ଖୋଲିଛି। ପଟ୍ଟନାୟକ ବନ୍ଧ ନିକଟରେ ଜଣେ ବ୍ୟବସାୟୀ ନିଜର ଦୋକାନ ଗୃହ ଥିବା ସତ୍ତ୍ୱେ ରାସ୍ତାକୁ କବଜା କରି ବ୍ୟବସାୟ କରୁଥିବା ଦେଖାଯାଇଛି। ଏପରି ଭାବରେ ଦେଖିବାକୁ ଗଲେ ଉଠା ବ୍ୟବସାୟୀଙ୍କର କାର୍ଯ୍ୟକଳାପ ପ୍ରଶାସନକୁ ଉପହାସିତ କଲା ଭଳି ମନେ ହେଉଛି। ଜିଲ୍ଲା ଚିକିତ୍ସାଳୟର ନିକଟବର୍ତ୍ତୀ ପୁରୁଣାପାଟଣା ରାସ୍ତାରେ ବାଇଶି ଗୋଟି ବଜାର ଗୃହ ମୁକ୍ତା ଯୋଜନାରେ ନିର୍ମାଣ ହୋଇଥିଲା, ଏହାରି ମଧ୍ୟରୁ କେବଳ ୧୧ ଗୋଟି ବଜାର ଗୃହ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ଗୁଡ଼ିକ କେବେ ପ୍ରଦାନ କରାଯିବ ସେ ନେଇ ନିର୍ବାହୀ ଅଧିକାରୀଙ୍କ ପାଖରେ ସୂଚନା ନଥିବା କହିଛନ୍ତି। ସେହିପରି ପୌର ପରିଷଦର ସ୍ୱଷ୍ଟ ହୋର୍ଡିଙ୍ଗ/ ବିଜ୍ଞାପନ ନୀତି ନଥିବାରୁ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ଏ ବିଷୟରେ ମଧ ପୌର ଅଧିକାରୀ କହିଥିଲେ ଯେ ପୌର ପରିଷଦର କାଉନସିଲ ବୈଠକରେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନଥିବାରୁ ରାଜସ୍ୱ ଆଦାୟ ହୋଇପାରୁନାହିଁ। ସରକାରୀ କୋଠା ବାଡ଼ିରେ ବ୍ୟବସାୟୀମାନେ ନିଜ ନିଜର ପ୍ରଚାର ପ୍ରସାର କରୁଛନ୍ତି। ଅନ୍ୟ ଏକ ଅଭିଯୋଗ ଆସିଛି ଯେ ନୂଆ ବସଷ୍ଟାଣ୍ଡଠାରେ ପୌର ପରିଷଦ ବାହାରୁ ବ୍ୟକ୍ତି ବିଶେଷଙ୍କୁ ଦୋକାନ ଗୃହ ମଞ୍ଜୁର କରାଯାଇଛି ଏବଂ ସେମାନେ ସେଠାରେ ବେନିୟମ ଭାବରେ ହୋଟେଲ ବ୍ୟବସାୟ କରିଆସୁଛନ୍ତି। ଏହି ବିଷୟରେ ପଚାରିବାରୁ ସେ କହିଲେ ଯେ ମୁଁ ଏ ବିଷୟରେ ଜାଣିନାହିଁ ଏବଂ ଫାଇଲ ଦେଖିବା ପରେ ମୋର ମତାମତ ପ୍ରଦାନ କରିବି। ପାରଳା ବାସୀଙ୍କର ପ୍ରଶ୍ନ ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ।

## ସମିତିସଭ୍ୟ ସାଜିଲେ ଠେକାଦାର ହିତାଧିକାରୀ ଙ୍କ ଟିପଚିହ୍ନ ନେଇ ହାଡପ କଲେ ଆବାସ ଟଙ୍କା

ନବରଙ୍ଗପୁର ଜିଲ୍ଲା (ମହାଭାରତ) ରାଇଘର ବ୍ଲକ ବୋବେଇ ପଞ୍ଚାୟତ ଅନ୍ତର୍ଗତ ଚୋରବେଡା ଗ୍ରାମର ସୁକମତି ଗଣ୍ଡ ଙ୍କ ୪ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଆସିଥିଲା କିନ୍ତୁ ଆଜିଯାଏ ଘରର ଫାଉଣ୍ଡେସନ ତିଆରି ନ କରି ଜଲେଙ୍ଗପାରା ସମିତି ସଭ୍ୟ ରାଜେଶ ଅଧିକାରୀ ହିତାଧିକାରୀ ଙ୍କ ଆଙ୍ଗୁଠି ଛାପ ନେଇ ୪୦ ହଜାର ଟଙ୍କା ହଡପ କରିଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ ।ସେହିପରି ଚୋରବେଡା ଗ୍ରାମର ହିତାଧିକାରୀ ଲକମୁ ଗଣ୍ଡ ଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ଘର ଆସିଥିବା ବେଳେ ଲକମୁ ଗଣ୍ଡ ଙ୍କ ମୃତ୍ୟୁ ହେବାପରେ ସମିତି ସଭ୍ୟ ରାଜେଶ ଅଧିକାରୀ ୪ ବର୍ଷ ହେଲା ଅଧା ଫାଉଣ୍ଡେସନ କରି ଟିପ ଚିହ୍ନ ନେଇ ୪୫ ହଜାର ଟଙ୍କା ହଡପ କରିଥିବା ଅଭିଯୋଗ କରିଛନ୍ତି ତାଙ୍କ ବିଧବା ସ୍ତ୍ରୀ ହିରୋବାଇ ଗଣ୍ଡ କାରଣ ଲକମୁ ଗଣ୍ଡ ଙ୍କ ବର୍ଷେ ପୂର୍ବେ ମୃତ୍ୟୁ ହେବା ପରେ ତାଙ୍କ ନୂତନ ଘରେ ରହିବା ସ୍ୱପ୍ନ ଅଧା ରହିଗଲା ସେହିପରି ଚୋରବେଡା ଗ୍ରାମର କୈଳାଷୀ ଗଣ୍ଡ ଙ୍କ ଘର ଆସିଥିବା ବେଳେ ସମିତି ସଭ୍ୟ ରାଜେଶ ଅଧିକାରୀ ଛାତ ଲେବଲ ଯାଏ ତିଆରି କରି ୬୫ ହଜାର ଟଙ୍କା ଉଠେଇ ଠକିଦେଲେ ଗରିବ ହିତାଧିକାରୀ ଙ୍କ ବିଶ୍ୱାସ ରେ ବିଶ ଦେଇ ଆବାସଯୋଜନା ର ଅର୍ଥ ଆତ୍ମସାତ କରି ମାଳା ମାଲ ସମିତିସଭ୍ୟ ଏବଂ ହିତାଧୀକାରୀ ବେହାଲ ।ଏହି ଘଟଣାର ବ୍ଲକ ପ୍ରଶାସନ ପୁଁଖାନୁ ପୁଙ୍ଖ ଭାବରେ ଏହାର ତୋଦନ୍ତ କରିବାକୁ ଗ୍ରାମ ବାସୀ ଦାବୀ କରିଛନ୍ତି।


## ବିଶ୍ୱାଳୀରେ ପରିବେଶ ଭିତିକ ଭବନର ଶୁଭ ଉଦଘାଟନ



ପାରାଦୀପ, (ମହାଭାରତ) : ରାଜ୍ୟର ପ୍ରମୁଖ ପରିବେଶ ଭୀତିକ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ର ନିଜସ୍ୱ ଗୃହ 'ପରିବେଶ ଭବନ' ର ଶୁଭ ଉଦଘାଟନ ହୋଇଯାଇଛି । ମେ ୧ ତାରିଖ ଶୁକ୍ରବାର ଦିନ ଶ୍ରମିକ ଦିବସ ଅବସରରେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୂଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଗୃହର ଉଦଘାଟନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରପାଳିକା ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, କୁଜଙ୍ଗ ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ, ବିଶ୍ୱାଳୀ ଗ୍ରାମ ପଞ୍ଚାୟତ ସରପଞ୍ଚ ମନୋରମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ସମାଜସେବୀ ଜ୍ଞାନନ୍ଦ୍ରିୟ ସାମଲ ପତି, ଅନୁଷ୍ଠାନ ର ସଭାପତି ଅଶୋକ ମାଝୀ, ସମ୍ପାଦକ ଦିଲ୍ଲୀପ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଅନୁଷ୍ଠାନ ର ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ କୁ ଭୁୟସୀ ପ୍ରଶଂସା କରିଥିଲେ । ପୌରାଧକ୍ଷ ଶ୍ରୀ ବିଶ୍ୱାଳ ରାଜଧାନୀ ଭୁବନେଶ୍ୱର ସରକାରୀ ସ୍ଥରରେ ପରିବେଶ ଭବନ ଥିବା ବେଳେ ଏଠି ବିଶ୍ୱାଳୀ ଗ୍ରାମରେ ବେସରକାରୀ ଉଦ୍ୟମ ରେ ଏକ ନୂତନ ପରିବେଶ ଭବନ ନିର୍ମାଣ କରାଯାଇ ଥିବାରୁ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ର ପ୍ରତିଷ୍ଠାତା ଇଂ.ଅମରେଶ ନରେଶ ସାମନ୍ତ ପରିବେଶ ଭବନ ର ଉପାଦେୟତା ବିଷୟରେ ଦୀକ୍ଷାନ୍ତ ସୂଚନା ଦେଇଥିଲେ। ଏହି ଅବସରରେ ମଞ୍ଚାସିନ ମାନ୍ୟବର ମନ୍ତ୍ରୀ, ପୌରାଧକ୍ଷ, କୁଜଙ୍ଗ ବିଡ଼ିଓ, ପରିବେଶ ସୁରକ୍ଷା ଓ ସମାଜସେବା, କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ ସଫଳତା ନିମନ୍ତେ ବ୍ୟାସଦେବ ଯୁଥ କ୍ଲବ, ପାରାଦ୍ୱୀପ ଗଡ଼,କପିଳେଶ୍ୱର ଭଲିବଲ ଟିମ, ଖୁରୁସିଆ, ନୀଳଚକ୍ର ଯୁଥ କ୍ଲବ, ପାରାଦ୍ୱୀପ, ଓମଫା ର ସମ୍ପାଦକ ଅରବିନ୍ଦ ସ୍ୱାଇଁ,ହେନ୍ତାଳ ବନ ସୁରକ୍ଷା ପାଇଁ ବିଶ୍ୱାଳୀ ଗ୍ରାମ ମୁରବି ପରୀକ୍ଷିତ ସାମଲ ପ୍ରମୁଖ ଙ୍କୁ ମନ୍ତ୍ରୀ ସମ୍ମାନିତ କରିଥିଲେ । ଏଠାରେ ସୂଚନା ଥାଉକି ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦର ପ୍ରକୃତି, ପରିବେଶ ସୁରକ୍ଷା ଓ ମହାନଦୀ ମୁହାଣରେ ବ୍ୟାପକ ହେନ୍ତାଳ ବନ ସୃଷ୍ଟି ନିମନ୍ତେ ଓଡିଶା ସରକାର ଙ୍କ ଦ୍ୱାରା ଦୁଇ ଦୁଇ ଥର ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ହାସଲ କରିଥିବା ସ୍ଥଳେ ବନ୍ୟପ୍ରାଣୀ ସୁରକ୍ଷା ନିମନ୍ତେ ଏହାର ପ୍ରତିଷ୍ଠାତା ଙ୍କୁ ୨୦୧୯ ରେ ବିଜୁ ପଟନାୟକ ଓ ୨୦୨୫ ରେ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି । ଅନୁଷ୍ଠାନ ର ଦୀର୍ଘ କାଳୀନ ପରିବେଶ ଧର୍ମୀ ସମର୍ପଣ ଭାବ ନିମନ୍ତେ ବର୍ଷ ୨୦୨୧ ରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜର ୭୫ତମ ମନ କି ବାତ କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ଓ ଏହାର ପ୍ରତିଷ୍ଠାତା ଅମରେଶ ନରେଶ ସାମନ୍ତ ଙ୍କୁ ଭୁୟସୀ ପ୍ରଶଂସା କରିଥିଲେ । ଏହି ଶୁଭ ଉଦଘାଟନ ଉତ୍ସବକୁ ଅନୁଷ୍ଠାନ ର ବରିଷ୍ଠ ସଭ୍ୟ କାଳନ୍ଦୀ ବାରିକ, ପ୍ରଦୀପ ପରିଡା, ଅଜୟ ତାରାଇ, ଅମୁଲ୍ୟ ଦାସ, ଦୀପକ ପରିଡା, ଯୋଗ ଦେଇଥିଲେ।

## ନୟାଗଡ଼ ବୈଷ୍ଣଦେବୀ ମନ୍ଦିରରୁ ବଡ଼ ଧରଣର ଚୋରୀ : ମନ୍ଦିର କବାଟ ର ତାଲା ଭାଙ୍ଗି ପ୍ରାୟ ୫୦ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ





ନୟାଗଡ, (ମହାଭାରତ) : ନୟାଗଡ଼ ବୈଷ୍ଣଦେବୀ ମନ୍ଦିରରୁ ବଡ଼ ଧରଣର ଚୋରୀ ହୋଇଛି। ଗତ ୩୦ ତାରିଖ ବିଳମ୍ବିତ ରାତିରେ ଦୁର୍ବୃର୍ତ୍ତ ମାନେ ମନ୍ଦିର କବାଟ ର ତାଲା ଭାଙ୍ଗି ୧୮୦ ଫୁଟ୍ ଗୁମ୍ଫା ଭିତରୁ ମା ବୈଷ୍ଣୋଦେବୀଙ୍କ ପ୍ରାୟ ୫୦ ଲକ୍ଷ ରୁ ଉର୍ଦ୍ଧ ଟଙ୍କାର ସୁନା ରୁପା ଅଳଙ୍କାର ଲୁଟ କରି ନେଇଥିବା ଅଭିଯୋଗ ହୋଇଛି। ମା ଙ୍କ ର ୩ ଟି ସୁନା ମୁକୁଟ ସହ ୩ ଟି ସୁନା ହାର ଏବଂ ରୁପାର ଚାନ୍ଦୁଆ କୁ ଦୁର୍ବୃର୍ତ୍ତ ମାନେ ଲୁଟି ନେଇଛନ୍ତି। ସେହିପରି ରୂପାର ଦୀପ କୁ ଦୁର୍ବୃର୍ତ୍ତ ମାନେ ଲୁଟି ନେଇଛନ୍ତି। କିନ୍ତୁ ମା ଙ୍କ ଦାନା ବାକ୍ସ ସୁରକ୍ଷିତ ରହିଛି। ରାତି ଗୋଟାଏ ରୁ ୪ ଟା ମଧ୍ୟରେ ଚୋରୀ ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରର ଦୁଇଟି ଯାକ କବାଟ ତାଲା ଭଙ୍ଗା ଯାଇଛି। ଅଭିଯୋଗ ପରେ ଘଟଣା ସ୍ଥଳରେ ଶରଣକୁଳ ଥାନା ପୋଲିସ ପହଞ୍ଚି ବା ସହ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାର୍ଡ ସହାୟତା ରେ ତଦନ୍ତ ଆରମ୍ଭ କରିଛି। ମନ୍ଦିର ସିସିଟିଭି ବନ୍ଦ ରହିଥିବାରୁ ସନ୍ଦେହ ସୃଷ୍ଟି ହୋଇଛି ମନ୍ଦିର ସୁରକ୍ଷା ଦାୟିତ୍ୱ ରେ ରହିଥିବା କର୍ମଚାରୀଙ୍କ ଉପରେ। ସେମାନଙ୍କୁ ମଧ ପୋଲିସ ଅଟକ ରଖି ପଚରାଉଚରା କରିଛି। ଏହି ଲୁଟ ପଛରେ ଦୁର୍ବୃତ୍ତ ଙ୍କ ସହ ମନ୍ଦିରର ସୁରକ୍ଷା କର୍ମଚାରୀ ଏବଂ ସ୍ଥାନୀୟ ଲୋକଙ୍କ ସମ୍ପୃକ୍ତି ରହିଥିବା ମନ୍ଦିର କମିଟି ପକ୍ଷରୁ ଅଭିଯୋଗ କରାଯାଇଛି।

## ଲୋକଙ୍କ ଲିଖିତ ଅଭିଯୋଗ ପରେ ବି ମାଙ୍କଡ ଆକ୍ରମଣ ଆତଙ୍କ ନେଇ ନିଷ୍କ୍ରିୟ ବନ ବିଭାଗ

ବାରଙ୍ଗ (ମହାଭାରତ): କଟକ ଜିଲ୍ଲାର ଫୁଲନଖରା ବନ ଉପଖଣ୍ଡ ଅଧୀନ ଅଞ୍ଚଳରେ ମାଙ୍କଡ ଉପଦ୍ରବ ଏବେ ଭୟାବହ ରୂପ ନେଇଛି। ଗତ କିଛି ମାସ ହେବ ବାରଙ୍ଗ ବ୍ଲକ୍ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ପଞ୍ଚାୟତ କୁରୁଣ୍ଟି ଗ୍ରାମରେ ମାଙ୍କଡ ଲୋକଙ୍କୁ ଆକ୍ରମଣ କରୁଛନ୍ତି । ଗତ ମାର୍ଚ୍ଚ ମାସରେ କୁରୁଣ୍ଟି ଗ୍ରାମର ଜନୈକ ମହିଳା ତାଙ୍କ କୋଠା ଘର ଛାତ ଉପରେ ଲୁଗା ଶୁଖାଉଥିବା ଅବସ୍ଥାରେ ହଠାତ୍ ମାଙ୍କଡମାନେ ତାଙ୍କ ଆଡ଼କୁ ଆସିବା ଦେଖିବାକୁ ପାଇଲେ ଓ ସେ ଭୟରେ ଛାତରୁ ଡେଇଁ ପଡ଼ିଥିଲେ । ଡେଇଁ ପଡ଼ିବାରୁ ତାଙ୍କର ଗୋଟିଏ ଗୋଡ଼ ସମ୍ପୂର୍ଣ୍ଣ ଅଚଳ ହେଇଯିବା ଯୋଗୁଁ ତାଙ୍କୁ ଗୁରୁତ୍ୱର ଅବସ୍ଥାରେ କଟକ ଏସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା । କଟକ ଏସିବି ମେଡିକାଲ୍ ଡାକ୍ତରଙ୍କ ଦ୍ୱାରା ଉକ୍ତ ଗୋଡ଼ର ୩ଟି ସ୍ଥାନରେ ଅସ୍ତ୍ରୋପଚାର ହେଇଥିବା ଯୋଗୁଁ ଦୀର୍ଘ ୨ମାସ ସେ ମେଡିକାଲ ରେ ଚିକିତ୍ସିତ ହେବା ପରେ କିଛି ଦିନ ଘରକୁ ଫେରିଛନ୍ତି। କିନ୍ତୁ ଏହି ଦୁର୍ଘଟଣା ବିଷୟ ନେଇ ଗତ ୧୧/୩/୨୦୨୬ ରୁ ସ୍ଥାନୀୟ ଲୋକମାନେ ଫୁଲନଖରା ଉପଖଣ୍ଡ ବନ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ, ବନ ବିଭାଗ ପକ୍ଷରୁ କୌଣସି ସଠିକ୍ ପଦକ୍ଷେପ ନ ନିଆଯାଇବାରୁ ପରିସ୍ଥିତି ନିୟନ୍ତ୍ରଣରୁ ଏବେ ବାହାରିଯାଇଛି। ଏବେ ମାଙ୍କଡମାନେ ଘରକୁ ପ୍ରବେଶ କରି ଲୋକମାନଙ୍କୁ ଆକ୍ରମଣ କରୁଥିବା ନଜର ଆସୁଛି। ଏହି ଆକ୍ରମଣରେ ଅନେକ ଲୋକ ଆହତ ହୋଇ ମେଡିକାଲ୍ ?ରେ ଭର୍ତ୍ତି ହେଉଛନ୍ତି। ଛୋଟ ପିଲା, ସ୍ତ୍ରୀ ଲୋକ ଓ ବୃଦ୍ଧମାନେ ସବୁଠାରୁ ବେଶି ଭୟଭୀତ ଅବସ୍ଥାରେ ଅଛନ୍ତି ।ଚାଷବାସ ନଷ୍ଟ, ଘରୋଇ ସାମଗ୍ରୀ ଭାଙ୍ଗିବା ଓ ଲୋକଙ୍କୁ ହଇରାଣ ଘଟଣା ଦିନକୁ ଦିନ ବଢୁଛି। ଏବେ ପରିସ୍ଥିତି ଏପରି ଗଭୀର ହୋଇପଡ଼ିଛି ଯେ, ଲୋକମାନେ ନିଜ ଘରେ ମଧ ମାଙ୍କଡଙ୍କ ଯୋଗୁଁ ନିରାପଦ ନୁହଁନ୍ତି ବୋଲି ଅନୁଭବ କରୁଛନ୍ତି। କିନ୍ତୁ ଏତେ ଗୁରୁତର ସମସ୍ୟା ଥିବା ସତ୍ତ୍ୱେ ଫୁଲନଖରା ବନ ଉପଖଣ୍ଡର ଅଧିକାରୀ ଓ କର୍ମଚାରୀମାନେ ଏହାକୁ ଗୁରୁତ୍ୱ ନ ଦେଇ ଏହିସବୁ ଘଟଣାକୁ ହାଲକା ଭାବରେ ନେଇ ଚୁପ୍ ରହିଛନ୍ତି, ଯାହା ଲୋକମାନଙ୍କ ରୋଷକୁ ଚରମ ସୀମାକୁ ପହଞ୍ଚାଇଦେଇଛି। ସବୁଠାରୁ ବଡ଼ ପ୍ରଶ୍ନ ୧୧/ ୩/ ୨୦୨୬ ରୁ ଲିଖିତ ଅଭିଯୋଗ ହେଇଥିବା ସତ୍ତ୍ୱେ କାହିଁକି ବନ ବିଭାଗ ନିରବ? ଲୋକମାନେ ମେଡିକାଲ୍ ?ରେ ଭର୍ତ୍ତି ହେବା ପରେ ବି କାହିଁକି ପଦକ୍ଷେପ ନାହିଁ? ଏତିକି ନୁହେଁ ଦିନ ଦ୍ୱିପ୍ରହରରେ ରାସ୍ତା କଡ଼ରୁ ବନ ବିଭାଗ ନମ୍ବର ହୋଇଥିବା ଗଛ କଟାଯିବା ଘଟଣାରେ ଲିଖିତ ଅଭିଯୋଗ ପରେ ବି ଚାଲିଛି ଗଛ କଟା ବନ ବିଭାଗ ନୀରବ ଦ୍ରଷ୍ଟା ସାଜିଛି । ଗ୍ରାମବାସୀମାନେ ସ୍ପଷ୍ଟ କରିଦେଇଛନ୍ତି ଯଦି ଶୀଘ୍ର ମାଙ୍କଡ ଧରାଯାଇ ଓ ସ୍ଥାନାନ୍ତରଣ ବ୍ୟବସ୍ଥା ନହୁଏ , ତେବେ ଫୁଲନଖରା ବନ ଉପଖଣ୍ଡ ବିରୋଧରେ ତୀବ୍ର ଆନ୍ଦୋଳନ ଆରମ୍ଭ ହେବ।

## ପାରାଦୀପରେ ବିଜେପି ର ଜନ ଆକ୍ରୋଶ ମହିଳା ସମାବେଶ ଓ ପଦଯାତ୍ରା




ପାରାଦୀପ, (ମହାଭାରତ) : ସଂସଦରେ ଗୁରୁତ୍ୱପୂର୍ଣ୍ଣ ମହିଳା ସରଂକ୍ଷଣ ବିଲକୁ ନେଇ କଂଗ୍ରେସ ତାର ସମର୍ଥିତ ବିଜେଡି, ସମାଜବାଦୀ ପାର୍ଟି, ଟିଏମସି, ଡିଏମକେ ପ୍ରମୁଖ ଦଳ ମହିଳା ବିରୋଧୀ ମାନସିକତାକୁ ନେଇ ବିଜେପି ପାରାଦୀପ ମଣ୍ଡଳ ମହିଳା ମୋର୍ଚ୍ଚା ପକ୍ଷରୁ ବିଶାଳ ଜନ ଆକ୍ରୋଶ ସମାବେଶ ମଙ୍ଗଳବାର ଦିନ କମଳା ସିନେମା ହଲ ସମ୍ମୁଖ ପଡିଆରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆଦର୍ଶ ଥାନା ଛକ ଠାରୁ ଏକ ବିରାଟ ପ୍ରତିବାଦ ପଦଯାତ୍ରା ବାହାରି ସଭା ସ୍ଥଳ ପର୍ଯ୍ୟନ୍ତ ପହଞ୍ଚିଥିଲା। ପାରାଦୀପ ନଗର ମଣ୍ଡଳ ସଭାପତି ସୁବ୍ରତ ପ୍ରଧାନ ଓ ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ନାୟକ ଙ୍କ ନେତୃତ୍ୱ ରେ ଆୟୋଜିତ ଜନ ଆକ୍ରୋଶ ମହିଳା ସମାବେଶ ରେ ବକ୍ତା ମାନେ କଂଗ୍ରେସ ଓ ବିଜେଡି ଦଳର ମହିଳା ବିରୋଧୀ ମାନସିକତା କୁ ଦୃଢ଼ ନିନ୍ଦା କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମାନଙ୍କୁ ପ୍ରାଧାନ୍ୟ ଦେଇ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଆତ୍ମନିର୍ଭରଶୀଳ କରିବାର ପ୍ରୟାସ କରି ଚାଲିଥିବା ବେଳେ କଂଗ୍ରସ, ବିଜେଡ଼ି ଓ ଅନ୍ୟ ବିରୋଧୀ ଦଳ ମହିଳା ମାନଙ୍କ ପାଇଁ କଣ୍ଟା ସାଜିଛନ୍ତି ।ଏହି କାର୍ଯ୍ୟକ୍ରମରେ ପାରାଦୀପ ନଗର ମଣ୍ଡଳ ବିଜେପି ସଭାପତି ସୁବ୍ରତ କୁମାର ପ୍ରଧାନ, ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରୀତିରେଖା ନାୟକ, ଶିଳ୍ପମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ଜିଲ୍ଲା ଉପସଭାପତି ତପନ ତ୍ରିପାଠୀ, ବିଜେପି ପାରାଦୀପ ମଣ୍ଡଳ ସାଧାରଣ ସମ୍ପାଦକ ବଜରଙ୍ଗ ସ୍ୱାଇଁ, ଉପସଭାପତି ଅର୍ଜିଲା ସିବା, ଦିଲ୍ଲିପ କିଶୋର ବେହେରା, ବିଷ୍ଣୁ ଚୌଧୁରୀ, ଦିଲ୍ଲୀପ ବଳିୟାର ସିଂହ ପ୍ରମୁଖ ଯୋଗ ଦେଇ ବିରୋଧୀ ଦଳ ଉପରେ ବର୍ଷିଥିଲେ।

## ଉଦଳା ମେଡିକାଲରେ ରୋଗୀଙ୍କୁ ଦିଆଯାଉଛି ଏକ୍ସପାଏର ମେଡ଼ିସିନ

କପ୍ତିପଦା, (ମହାଭାରତ ) : ଉଦଳା ମେଡିକାଲରେ ରୋଗୀଙ୍କୁ ଦିଆଯାଇଛି ଏକ୍ସପାଏର ଔଷଧ। ତାହା ପୁଣି କୁଣ୍ଡିଆ ରୋଗ ପାଇଁ କାନ ଡ୍ରପ ଦିଆଯାଇଥିବାର ସାଙ୍ଘାତିକ ଅଭିଯୋଗ ଆସିଛି। ଉଦଳା ଥାନା ଖଲାଡି ଗ୍ରାମର ଲରେନ୍ସ ଖଣ୍ଡେଇ ଦେହରେ କୁଣ୍ଡାଇ ହୋଇ ଘା ହେଉଥିବା ନେଇ ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ଆସିଥିଲେ। ଉଦଳା ଡାକ୍ତରଖାନାରେ ଡାକ୍ତର ଦେଖାଇ ନିରାମୟ ରୁ ଔଷଧ ନେଇ ଘରକୁ ଫେରିଥିଲେ। ହେଲେ ରାତିରେ ଔଷଧ ଖାଇବାକୁ ଯିବା ସମୟରେ ଜାଣିବାକୁ ପାଇଥିଲେ ଦିଆଯାଇଥିବା ଲୋସନ ଏକ୍ସପାଏର ହୋଇଯାଇଛି। ଯାହା ଜାଣିବା ପରେ ସେ ତାଙ୍କ ମା ଙ୍କୁ ଘଟଣା ବାବଦରେ ଜଣାଇଥିଲେ। କ୍ଲୋଟ୍ରିମାଜଲ ଲୋସନ ଟି ୨୦୨୫ ମସିହାରୁ ଏକ୍ସପାଏର ହୋଇଯାଇଥିବା ବେଳେ ତାହା ରୋଗୀଙ୍କୁ ଦିଆଯାଇଥିବାର ସାଙ୍ଘାତିକ ଅଭିଯୋଗ ଆଣିଥିଲେ ରୋଗୀ ଏବଂ ତାଙ୍କ ମାଆ। ଏହା ସହିତ କୁଣ୍ଡିଆ ରୋଗ ନିମନ୍ତେ କ୍ଲୋଟ୍ରିମାଜଲ ଲୋସନ ବଦଳରେ ସେହି କମ୍ପୋଜିସନ ଥିବା କାନ ଡ୍ରପ ଦିଆଯାଇଥିବା ଦେଖାଯାଇଛି। ସେପଟେ ଏଭଳି ସାଙ୍ଘାତିକ ଅଭିଯୋଗ ବାବଦରେ ଏସଡିଏମଓଙ୍କୁ ପଚାରିବାରୁ ଉକ୍ତ ମେଡ଼ିସିନ ପ୍ରେସକ୍ରିପସନ ରେ ଲେଖା ନାହିଁ ଏବଂ ତାହା ଉଦଳା ମେଡିକାଲର ନୁହେଁ ବୋଲି କହି ଦୋଷ ଖସାଇ ଦେଇଛନ୍ତି। ପ୍ରଶ୍ନ ଉଠୁଛି କିଏ କହୁଛି ସତ, ଏସଡିଏମଓ ନା ରୋଗୀ ଓ ସମ୍ପର୍କୀୟ। କର୍ମଚାରୀଙ୍କ ଅବହେଳା କୁ ଲୁଚାଇବାକୁ ଚେଷ୍ଟା କରୁ ନାହାନ୍ତି ତ ମେଡିକାଲ ଅଧିକାରୀ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ପ୍ରଗତିଶୀଳ ଶ୍ରମିକ ମଞ୍ଚ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ



ଭୁବନେଶ୍ୱର, (ମହାଭାରତ) : ସ୍ଥାନୀୟ ଝାରସୁଗୁଡାସ୍ଥିତ ପ୍ରଗତିଶୀଳ ଶ୍ରମିକ ମଞ୍ଚପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ ହୋଇଯାଇଛି ।ଏହି ସଭାକୁ ପ୍ରଗତିଶିଳ ଶ୍ରମିକ ମଞ୍ଚର ପ୍ରତିଷ୍ଠାତା ଆବାହକ ଶ୍ରମିକ ସଂଗଠକ ରକ୍ଷାକାର ଅନୁପମ ଅନ୍ତର୍ଜାତିକ ଶ୍ରମିକ ଦିବସର ଇତିହାସ ପର୍ଯ୍ୟାୟ ଆଲୋଚନା କରିଥିଲେ । ଆମେରିକା ଚିକାଗୋ ସହରରେ ପୋଲିସମାନଙ୍କ ଅତ୍ୟାଚାରରେ ମୃତ୍ୟୁବରଣ କରିଥିଲେ। ଯାହା ନବେଦଶକରୁ ଆଜି ପର୍ଯ୍ୟନ୍ତ ଶ୍ରମିକ ନ୍ୟାର୍ଯ୍ୟ ଦାବି ପାଇପାରିନାହାନ୍ତି । ଏହା ପରିତାପର ବିଷୟ । ଶ୍ରମିକଙ୍କ ପ୍ରତି ସରକାରଙ୍କ ବୈମାତୃକ ଭାବକୁ ଆମେ ଆଉ ମୁଣ୍ଡପାତି ସହିବା ନାହିଁ ଲ ଏବେ ସଚେତନ ହୋଇ ଆମର ଅଧିକାର ପାଇଁ ଲଢ଼ିବାର ସମୟ ବୋଲି କହିଥିଲେ । ଏଥିରେ ମୁଖ୍ୟଅତିଥି ଭାବରେ ଶ୍ରମିକସଂଗଠକ ବିରଞ୍ଚି ସାହୁ ଯୋଗ ଦେଇ ଶ୍ରମିକ ସମସ୍ୟା ଉପରେ କହିଥିଲି । ଜୀବନ ବୀମା କର୍ମଚାରୀ ସଙ୍ଘ ଓଡିଶାର ଯୁଗ୍ମ ସମ୍ପାଦକ ରତ୍ନାକର ପ୍ରଧାନ ଶ୍ରମିକ ସୁରକ୍ଷା କିଭଳି ପାଇପାରିବେ ସେବିଷୟରେ କହିଥିଲେ । ସାମାଜିକକର୍ମୀ ସୌମିତ୍ର କର, ଶ୍ରମିକ ନେତା ଦିଲ୍ଲୀପ ବେହେରା, ପ୍ରମୋଦ କିଶୋର ପରିଡା, ବାସୁଦେବ ପରିଡା, ସୁଷମା ସାହୁ, ଚିନ୍ତାମଣି କିଷାନ, ପୂଜା ପରିଡା, ସୁବନ୍ତି ଭଉଣୀ ଉଦବୋଧନ ଦେଇଥିଲେ । ଝାରସୁଗୁଡା ର ସହର ପରିକ୍ରମା କରି ସଚେତନ ସ୍ଲୋଗାନ ଦେଇ ହଜାର ହଜାର ଶ୍ରମିକ ଭାଇ ଓ ଭଉଣୀମାନେ ଚାଲୁଥିବାର ଦେଖିବାକୁ ମିଳିଥିଲା । ଏହାପରେ ଶ୍ରମିକ ମାନଙ୍କ ପାଇଁ ଚାରି ଜଣ ଶ୍ରମିକ ଭଉଣୀ ଓ ଭାଇ ଯଥା ପୂଜା କୁସୁମ ଓ ଗୌରୀ ପ୍ରଧାନ, ତରୁଲତା ଗିରି, ସମାଜସେବୀ, ଶିବମୁଣ୍ଡାଙ୍କୁ ଉତ୍ତରୀୟ ସହ କିଛି ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା । ସଂଯୁକ୍ତା ଲାର୍ଥା, ପ୍ରମୋଦିନ ରାଉତ ପ୍ରମୁଖ ସଭା ପରିଚାଳନା କରିବାରେ ସାହାଯ୍ୟ କରିଥିଲେ ।

# ଜରି ପାଲ ତଳେ ବିତୁଛି ଜୀବନ



ଚନ୍ଦାହାଣ୍ଡି: ବର୍ଷେ ତଳେ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଜୁନାପାଣି ଗ୍ରାମର ଲକ୍ଷ୍ମୀ ସିହ୍ନା ନାମ୍ନୀ ଜଣେ ଅସହାୟ ମହିଳା କିଭଳି ଜୀବନର ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ନ ପଡ଼ି ପରିବାର ପୋଷଣ ପାଇଁ ଅଟୋ ଚଳାଇ ସ୍ୱାବଲମ୍ବୀ ହୋଇ ପରିବାର ପୋଷଣ କରୁଛନ୍ତି ଏ ସମ୍ପର୍କିତ ଖବର ବହୁ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା । ଏହି ଖବର ସମ୍ବାଦ କନକ ନ୍ୟୁଜରେ ପ୍ରକାଶ ପାଇବା ପରେ 'ସମ୍ବାଦ'ର ସମ୍ପାଦିକା ତନୟା ପଟ୍ଟନାୟକ ତାଙ୍କୁ ଭୁବନେଶ୍ୱର ଡକେଇ ଅନନ୍ୟା-୨୦୨୫ ଭାବେ ସମ୍ବର୍ଦ୍ଧିତ କରିଥିଲେ।ଏହାପରେ ବ୍ଲକ ପ୍ରଶାସନ ତତ୍ପରତା ଦେଖାଇ ବ୍ଲକ କାର୍ଯ୍ୟାଳୟକୁ ଲକ୍ଷ୍ମୀଙ୍କୁ ଡକାଇ ତତ୍କାଳୀନ ବିଡ଼ିଓ ତଥା ସମସ୍ତ କର୍ମଚାରୀଙ୍କ ଉପସ୍ଥିତିରେ ଉପଢୌକନ ସହ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲା । ଲକ୍ଷ୍ମୀ ପ୍ରଶାସନକୁ ପେନସନ, ବାସଗୃହ, ରାସନକାର୍ଡ ଖଣ୍ଡେ ଯୋଗାଇଦେବାକୁ ନିବେଦନ କରିବା ପରେ ତାଙ୍କର ଏହି ସଂଘର୍ଷ ସମୟରେ ପ୍ରଶାସନ ତାଙ୍କ ସହିତ ଥିବା କହି ତାଙ୍କୁ ଯଥାଶୀଘ୍ର ସରକାରୀ ବ୍ୟବସ୍ଥା ଅନୁଯାୟୀ ସମସ୍ତ ସୁବିଧା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ ନାହିଁ। ଭୂମିହୀନ ଏହି ପରିବାର ଏବେ ବି ଜରି ପାଲ ଟାଣି ଏକ ଅସ୍ଥାୟୀ ସ୍ଥାନରେ ନିଜ ଛୋଟ ଝିଅ ଓ ବୁଢା ବାପା-ମା'ଙ୍କ ସହିତ ଦୟନିୟ ଅବସ୍ଥାରେ ରହୁଛନ୍ତି। ବର୍ଷେ ମଧ୍ୟରେ ଘର ପାଇଁ ଆବଶ୍ୟକୀୟ ସରକାରୀ ଜାଗା ଟିକେକ ଯୋଗାଇବା ପାଇଁ ତହସିଲ କାର୍ଯ୍ୟାଳୟ ବାରମ୍ବାର ଯାଇ ଗୁହାରି କରିଥିଲେ ବି ତାଙ୍କ କଥା କିଏ ଶୁଣୁନଥିବା ସେ ଅ ଭ ି ଯୋ ଗ କରିଛନ୍ତି ।ବାସଗୃହ ବ୍ୟତୀତ ପେନସନ କି, ରାସନକାର୍ଡ ମଧ୍ୟ ତାଙ୍କୁ ମିଳିନଥିବା ସେ ପ୍ରକାଶ କରିଛନ୍ତି। ବୁଧବାର ଦିନ ଅ଼ଳରେ ହୋଇଥିବା କାଳବୈଶାଖୀ ପ୍ରଭାବରେ କୁଆପଥର ବର୍ଷା ସହ ପବନରେ ତାଙ୍କ ଘର ସମ୍ପୂର୍ଣ ରୂପେ ଭାଙ୍ଗି ଯାଇଥିବା ବେଳେ ଘରେ ଥିବା ସମସ୍ତ ଆବଶ୍ୟକୀୟ ସାମଗ୍ରୀ ନଷ୍ଟ ହୋଇଛି। ଏଭଳି ପରିସ୍ଥିତିରେ କଥା ଦେଇ ନିଜ କଥା ରଖି ପ୍ରଶାସନ ସହାୟତା ଯୋଗାଇଦେବାକୁ ସେ ଆକାଲୁ ନିବେଦନ କରିଛନ୍ତି। ଏସମ୍ପର୍କରେ ଚନ୍ଦାହାଣ୍ଡି ବିଡ଼ିଓ ଚଇନୁ ଗଣ୍ଡଙ୍କୁ ପଚାରିବାରୁ ଶୀଘ୍ର ଏବାବଦରେ ତଦାରଖ କରି ତାଙ୍କୁ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ମାଟ୍ରିକ ପରୀକ୍ଷା ପାସ୍ ହାର ନୟାଗଡ ଜିଲ୍ଲା ଏ-୧ ଗ୍ରେଡ ରେ ୫୨ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ





ନୟାଗଡ, ( ମହାଭାରତ ) : ବାହାରିଲା ଚଳିତ ବର୍ଷ ର ମାଟ୍ରିକ ପରୀକ୍ଷା ଫଳୟ ଏଥିପାଇଁ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି ।ନୟାଗଡ ରେ ମାଟ୍ରିକ ପରୀକ୍ଷା ଫଳ କୁ ନେଇ ଛାତ୍ରଛାତ୍ରୀ ଉତ୍ସାହିତ ହୋଇଛନ୍ତି। ନୟାଗଡ ଜିଲ୍ଲା ରେ ସର୍ବୋପରି ଏ-୧ ଗ୍ରେଡ ରେ ୫୨ ଜଣ ଛାତ୍ରଛାତ୍ରୀ ଉର୍ତ୍ତୀଣ୍ଣ ହୋଇଛନ୍ତି। ଏଥିପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ ଙ୍କ କୃତଜ୍ଞତା ଜଣାଇଛନ୍ତି। ମାଟ୍ରିକ ପରୀକ୍ଷା ରେ ନୟାଗଡ ଜିଲ୍ଲା ଟପ୍ପର ଭାବେ ନୟାଗଡ଼ ବ୍ଲକ୍ କ୍ରୀଦାଶପୁର ଆଞ୍ଚଳିକ ହାଇସ୍କୁଲ ର ଛାତ୍ର ସରୋଜ କୁମାର ଜେନା ୫୭୨ ମାର୍କ ରଖି ଏ-୧ ରେ ଉର୍ତ୍ତୀଣ୍ଣ ହେବା ସହ ନୟାଗଡ଼ ଜିଲ୍ଲା ଟପ୍ପର ହୋଇଛନ୍ତି। ସେହିପରି ଜିଲ୍ଲା ଯାକରେ ଦେଖିବାକୁ ଗଲେ ଏ-୧ ଗ୍ରେଡ ରେ ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ଛାତ୍ରଛାତ୍ରୀ ସର୍ବାଧିକ ପା଼ ଜଣ ଉର୍ତ୍ତୀଣ୍ଣ ହୋଇଛନ୍ତି। ନୟାଗଡ଼ ସରସ୍ତୀ ଶିଶୁ ବିଦ୍ୟା ମନ୍ଦିର ର ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଙ୍କ ରେଜଲ୍ଟ ପ୍ରକାଶ ପାଇବା ପରେ ସ୍କୁଲ ପରିସରରେ ସେଲିବ୍ରେସନ କରିଛନ୍ତି। ଚଳିତ ବର୍ଷ ସରସ୍ୱତୀ ଶିଶୁ ବିଦ୍ୟାଳୟର ୬୭ ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ଅଧିକାଂଶ ଛାତ୍ରଛାତ୍ରୀ ଗ୍ରେଡ ଏ-୧ ଏବଂ ଏ-୨ ଏବଂ ବି-୧ ଓ ବି-୨ ସ୍ଥାନରେ ପାସ କରିଛନ୍ତି। ନୟାଗଡ଼ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରୀ ଆଦ୍ୟାଶା ସୁବୁଦ୍ଧି ୫୫୭ ମାର୍କ ରଖି ଏ-୧ ପାଇଥିବା ବେଳେ ଛାତ୍ର ଅୟସ୍କାନ୍ତ ମହାପାତ୍ର ମଧ୍ୟ ୫୫୭ ମାର୍କ ରଖି ଏ-୧ ଗ୍ରେଡ ରେ ଉର୍ତ୍ତୀଣ୍ଣ ହୋଇଛନ୍ତି। ସେହିପରି ଛାତ୍ରୀ ଶ୍ରୀକୃତି ବିଶ୍ୱାଳ ୫୫୬ ମାର୍କ ରଖି ଏ-୧ ସ୍ଥାନରେ ପାସ୍ କରିଥିବା ବେଳେ ସ୍ୱୟଂଶ୍ରୀୟା ନାୟକ ୫୪୦ ମାର୍କ ରଖି ଏ-୧ ସ୍ଥାନରେ ପାସ୍ କରିଛନ୍ତି ଏବଂ ହିରଣ୍ମୟୀ ଆଚାର୍ଯ୍ୟ ମଧ୍ୟ ୫୪୦ ମାର୍କ ରଖି ଏ-୧ ଗ୍ରେଡ ରେ ପାସ୍ କରିଛନ୍ତି। ଏହି ବିଦ୍ୟାଳୟ ୫ ଜଣ ଛାତ୍ରଛାତ୍ରୀ ଏ-୧ ସ୍ଥାନରେ ପାସ୍ କରୁଛନ୍ତି। ବିଦ୍ୟାଳୟ ୬୭ ଜଣ ମାଟ୍ରିକ ପରୀକ୍ଷା ଦେଇଥିବା ବେଳେ ଜଣେ ଛାତ୍ରୀଙ୍କୁ ଛାଡି ସମସ୍ତ ଛାତ୍ରଛାତ୍ରୀ ପାସ କରିଛନ୍ତି।

## ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ

ବିଷମକଟକ: ତାଲୁକ୍ ଆଇନ୍ ସେବା କମିଟି, ବିଷମ କଟକ ଦ୍ୱାରା ସ୍ଥାନୀୟ ବ୍ଲକ୍ ଅଫିସ୍ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶ୍ରମିକ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ କୋର୍ଟର ଅତିରିକ୍ତ ଜିଲ୍ଲା ଦୌରଜଜ୍ ଶ୍ରୀ ସିଦ୍ଧାର୍ଥ ସାହୁ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକ୍ ର ସହକାରୀ ଶ୍ରମ ଅଧିକାରୀ ଶ୍ରୀ ଅବିନାଶ ସାହୁ ସକ୍ରିୟ ସହଯୋଗ କରି ଶ୍ରମିକମାନଙ୍କ ପାଇଁ ସରକାରଙ୍କର ବିଭିନ୍ନ ଯୋଜନା ସବୁର ଲାଭ କିପରି ପାଇହେବ ଏବଂ ଶ୍ରମିକମାନେ ସରକାରୀ କାର୍ଯ୍ୟାଳୟରେ ସେମାନଙ୍କ ନାମ ପଞ୍ଜିକରଣ କରିବା ଦ୍ୱାରା ସେମାନଙ୍କ ଶ୍ରମ କ୍ଷେତ୍ରରେ କିପରି ସୁରକ୍ଷିତ ଏବଂ ସଂଗଠିତ ହୋଇରହିପାରିବେ ସେ ବିଷୟରେ ଲୋକମାନଙ୍କୁ ବୁଝାଇଥିଲେ ।

## ବେଆଇନ ଭାବେ ମେସିନ ଲଗାଇ ଗଛ କାଟି ଚୋରା ଚାଲାଣ, ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି



ଲାଞ୍ଜିଗଡ,(ମହାଭାରତ ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ବିଜେପୁର ବନ ବିଭାଗ ଅଧିନରେ ଥିବା ପାହାଡ଼ପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗ ପଦର ଗ୍ରାମ ନିକଟସ୍ଥ ଜଙ୍ଗଲରେ ଲକ୍ଷାଧିକ ଟଙ୍କାର ଗଛ ଦିନ ଦ୍ୱିପହର ରେ କାଟି ନେଉଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ ପଟାଙ୍ଗ ପଦର ଗ୍ରାମରୁ ବୋରପଦର ଯିବା ରାସ୍ତା କଡରେ ଥିବା ଶହେ ବର୍ଷ ପୁରାତନ ମୂଲ୍ୟବାନ ଗଛ ଗୁଡିକ ଥିବାବେଳେ କିଛି ବ୍ୟକ୍ତି ସପ୍ତାହେ ହେଲା ଗଛ ଗୁଡିକୁ ମେସିନ ଦ୍ୱାରା କାଟି ମୁଖ୍ୟ ଅଂଶ ଗୁଡିକ ନେଇଯାଇଛନ୍ତି । ଗତକାଲି ବୁଧବାର ଦିନ ମଧ୍ୟ ପୁଣି ମେସିନ ଲଗାଇ କାଟୁଥିବା ବେଳେ ପଟାଙ୍ଗ ପଦର ଗ୍ରାମର ଜଣେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କଟା ଯାଇଥିବା ଗଛ ଗୁଡିକର ମୋବାଇଲ ରେ ଫୋଟ ଉଠାଇଥିଲେ ଏବଂ ବ୍ୟକ୍ତିଗତ ଜାଗାରେ ଥିବା ଗଛ ଗୁଡିକୁ କାଟି କିଛି ବ୍ୟକ୍ତି ନେଉଥିବା ବିଜେପୁର ଫରେଷ୍ଟରଙ୍କୁ ଫୋନ ଯୋଗେ ଜଣାଇଥିଲେ। ବିଜେପୁର ଫରେଷ୍ଟର ଗୁରୁବାର ଦିନ ଘଟଣାସ୍ଥଳକୁ ଯାଇ କଟାଯାଇଥିବା ଗଛର ବଳକା ଅଂଶ ଗୁଡିକୁ ଜବତ କରି ଆଣିଥିଲେ । ଏ ନେଇ ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ବୁଧବାର ଦିନ ପଟାଙ୍ଗ ପଦର ଗ୍ରାମର ଜଣେ ଫୋନ ଯୋଗେ ଅଭିଯୋଗ କରିଥିଲେ ଯେ ତାଙ୍କର ପଟା ଜମି ପ୍ଲଟରେ ଥିବା କିଛି ଗଛଗୁଡ଼ିକୁ କୌଣସି ବ୍ୟକ୍ତି ମାନେ ମେସିନ ଦ୍ୱାରା କାଟି ନେଇଯାଉଛନ୍ତି। ତେଣୁ ଆଜି ଟିମ ସହିତ ଘଟଣା ସ୍ଥଳକୁ ଯାଇ ଗଛ କାଟିଥିବା ଦେଖିଲି ଏବଂ ଗଛର ବଳକା ପଡିଥିବା ଅବଶିଷ୍ଟାଂଶ ଜବତ କରି ବିଜେପୁର ବିଟଙ୍କୁ ଅଣାଗଲା ଓ ଆସନ୍ତା କାଲି ଯାଇ ଅଭିଯୋଗ କାରୀଙ୍କ ଅନୁସାରେ ଜମିର ପଟା ଅନୁସାରେ ତାହା ବ୍ୟକ୍ତିଗତ ନା ଜଙ୍ଗଲ ଜମି ତଦନ୍ତ କରାଯିବା ସହିତ ଗଛ କିଏ କାଟିଛି ତାର ମଧ୍ୟ ତଦନ୍ତ କରାଯିବ। ଦୋଷୀ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଶ୍ରମିକଙ୍କ ଅଧିକାର ପାଇଁ ସଂକଳ୍ପ

ଆସିକା: ଆସିକା ସମବାୟ ଚିନିଶିଳ୍ପ ଶ୍ରମିକ ସଙ୍ଘ ପକ୍ଷରୁ ଏ ଆଇ ଟି ୟୁ ସି କାର୍ଯ୍ୟାଳୟ ଠାରେ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଶ୍ରମିକ ନେତା ବିଦେଶୀ ନାୟକ ପତକା ଉତୋଳନ କରିଥିଲେ । ସାରା ଓଡିଶାରେ ବିଭିନ୍ନ ଶ୍ରମିକ ସଂଗଠନ, ଟ୍ରେଡ୍ ୟୁନିଅନ୍ ଓ ସରକାରୀ ସ୍ତରରେ ଏହି ଦିବସ ପାଳନ କରାଯାଉଛି। ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି, ସାମାଜିକ ସୁରକ୍ଷା, ଇ.ଏସ୍.ଆଇ ଓ ପି.ଏଫ୍ ସୁବିଧା ସମସ୍ତ ଅଣସଂଗଠିତ କ୍ଷେତ୍ର ଶ୍ରମିକଙ୍କୁ ପ୍ରଦାନ, ଏବଂ ୮ ଘଣ୍ଟିଆ କାର୍ଯ୍ୟଦିବସ ଲାଗୁ କରିବା ଦାବି କରିଥିଲେ । ଓଡିଶା ସରକାର ଗତ ଏକ ବର୍ଷରେ ନିର୍ମାଣ ଶ୍ରମିକଙ୍କ ପାଇଁ ୨୮ଟି ନୂଆ କଲ୍ୟାଣ ଯୋଜନା ଆରମ୍ଭ କରିଛନ୍ତି। ପ୍ରବାସୀ ଶ୍ରମିକଙ୍କ ପଞ୍ଜୀକରଣ ପାଇଁ 'ଶ୍ରମିକ ସାଥୀ' ପୋର୍ଟାଲ ଓ ହେଲ୍ପଲାଇନ୍ ୧୫୩୬୮ କାର୍ଯ୍ୟକରୁଛି । ଚିକାଗୋରେ ଶ୍ରମିକମାନଙ୍କ ବଳିଦାନ ଆଜି ବି ଆମକୁ ପ୍ରେରଣା ଦେଉଛି। ୮ ଘଣ୍ଟା କାମ, ୮ ଘଣ୍ଟା ବିଶ୍ରାମ ଓ ୮ ଘଣ୍ଟା ମନୋରଞ୍ଜନ - ଏହି ଅଧିକାର ପାଇଁ ଆମ ସଂଗ୍ରାମ ଜାରି ରହିବ। ବୋଲି ସମସ୍ତେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦେଶୀ ନାହକ ଉଦଘାଟନ କଲେ ପତାକା, ଅଶୋକ ପ୍ରଧାନ,ଉପସ୍ଥିତ ଥିଲେ।

## ବଜ୍ରାଘାତରେ ୭ ବଳଦ ଓ ୫ ଗାଈ ମୃତ

କପ୍ତିପଦା : ବଜ୍ରାଘାତରେ ୭ ବଳଦ ଓ ୫ ଗାଈ ମୃତୟ ଉଦଳା ଥାନା ଶ୍ରୀଦାମଚନ୍ଦ୍ରପୁର ବଡ଼ଷୋଳ ଗ୍ରାମର ଘଟଣା। ଆଜି ମଧ୍ୟାହ୍ନ ସମୟରେ ଗ୍ରାମର ୫ ଜଣ ବ୍ୟକ୍ତିଙ୍କ ବଳଦ ଏବଂ ଗାଈ ନିକଟସ୍ଥ ପଡିଆରେ ଚରୁଥିଲେ। ହେଲେ ଏହି ସମୟରେ ଅଚାନକ ହୋଇଥିଲା ବଜ୍ରପାତ। ବଜ୍ରପାତ ପରେ ଗୋରୁ ମାଲିକ ଗାଈ ଙ୍କୁ ଖୋଜି ଖୋଜି ଆସି ପଡିଆ ନିକଟରେ ପହଂଚିବା ପରେ ସମସ୍ତ ଗାଈ ଏବଂ ବଳଦଙ୍କର ବଜ୍ରାଘାତରେ ମୃତ୍ୟୁ ହୋଇଥିବା ଦେଖିବାକୁ ପାଇଥିଲେ।

## ସାମ୍ବାଦିକଙ୍କୁ ଆକ୍ରମଣ, ବୈରୀ ଥାନାରେ ଅଭିଯୋଗ



ବଡଚଣା, (ମହାଭରତ): ଯାଜପୁର ଜିଲ୍ଲା ବଡଚଣା ବ୍ଲକ୍ ବୈରୀ ଥାନା ଅଧୀନ ଛତିଆ ଇଚ୍ଛାନଗର ପାଟଣାରେ ଠିକାଦାରଙ୍କ ଗୁଣ୍ଡାରାଜ ଦେଖିବାକୁ ମିଳିଥିବା ଅଭିଯୋଗ ହୋଇଛି। ଡ୍ରେନ୍ ନିର୍ମାଣ କାମକୁ ନେଇ ଜଣେ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇଥିବା ସହ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ଅସଦାଚରଣ କରାଯାଇଥିବା ଘଟଣା ସମ୍ମୁଖରେ ଆସିଛି ।ସୂଚନା ଅନୁସାରେ, ଇଚ୍ଛାନଗର ପାଟଣା ଗ୍ରାମରେ ଡ୍ରେନ୍ ଖନନ କାମ ଜନୈକ ଠିକାଦାର ଓ ତାଙ୍କ ବାପାଙ୍କ ଦ୍ୱାରା କରାଯାଉଥିଲା। ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ ଯେସିବି ମାଧ୍ୟମରେ ଖନନ କାମ ଚାଲିଥିବା ବେଳେ ଗ୍ରାମବାସୀ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ।ଅଭିଯୋଗ ଅନୁଯାୟୀ, ସାମ୍ବାଦିକ ବେଦପ୍ରକାଶ ନାୟକଙ୍କ ଘର ସମ୍ମୁଖରେ ପୂର୍ବରୁ ଡ୍ରେନ୍ ଖୋଳାଯାଇଥିଲା। ପୁନର୍ବାର ତାଙ୍କ ଘର ପାଚେରୀ ମୂଳରୁ ମାଟି ଖୋଳାଯାଉଥିବା ବେଳେ ସେ ଏହାକୁ ବିରୋଧ କରିଥିଲେ । ଘର ଦେବାଲଗଡ଼ି ପଡ଼ିବା ଆଶଙ୍କା ବ୍ୟକ୍ତ କରି କାମ ବନ୍ଦ କରିବାକୁ କହିଥିଲେ। କିନ୍ତୁ ଠିକାଦାର ପକ୍ଷରୁ ତାଙ୍କ କଥାକୁ ଅଣଦେଖା କରାଯାଇଥିଲା। ଏହାକୁ ନେଇ ତର୍କ ବଢ଼ିବା ପରେ ଠିକାଦାର ଓ ତାଙ୍କ ଭାଇ ନାୟକଙ୍କ ଘର ଗେଟ୍ ଭିତରକୁ ପ୍ରବେଶ କରି ଗାଳିଗୁଲଜ କରିବା ସହିତ ଶାରୀରିକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଘଟଣା ସମୟରେ ନାୟକଙ୍କ ସ୍ତ୍ରୀ ମୋବାଇଲରେ ଭିଡିଓ ରେକର୍ଡ କରୁଥିବା ବେଳେ ତାଙ୍କୁ ଧକ୍କା ଦେଇ ମୋବାଇଲ୍ ଛିନିନେଇ ଭାଙ୍ଗିଦେଇଥିବା ମଧ୍ୟ ଅଭିଯୋଗ ରହିଛି। ଏହି ସମଗ୍ର ଘଟଣା ସାମ୍ବାଦିକଙ୍କ ଘରର ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଥିବା ଜଣାପଡ଼ିଛି। ପରେ ଏହାକୁ ନେଇ ବୈରୀ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ବେଳେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଘଟଣାଟିରେ ସାମ୍ବାଦିକଙ୍କୁ ଆକ୍ରମଣ, ଘରେ ପ୍ରବେଶ କରି ମାଡ଼ ମାରିବା ଓ ଜଣେ ମହିଳାଙ୍କ ସହ ଅସଦାଚରଣ ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ବଢ଼ିଛି। ପୋଲିସର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନକୁ ନେଇ ସମସ୍ତଙ୍କ ଦୃଷ୍ଟି ରହିଛି।

## ଗଜପତି ଜିଲ୍ଲାରେ ଦଶମ ପାସହାର ୯୯.୩୧ ପ୍ରତିଶତ

ପାରଳାଖେମୁଣ୍ଡି (ମହାଭାରତ): ସଦ୍ୟ ପ୍ରକାଶିତ ଦଶମ ବୋର୍ଡ ପରୀକ୍ଷାର ଫଳାଫଳରେ ଗଜପତି ଜିଲ୍ଲା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି ।ଗଜପତି ଜିଲ୍ଲାର ଛାତ୍ରଛାତ୍ରୀମାନଙ୍କର ପାସହାର ୯୯.୩୧% ରହିବା ସହିତ ସମଗ୍ର ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଗଜପତି ଜିଲ୍ଲାରେ ମୋଟ ୧୬୧ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୮୧୧୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ।

## ଦଶମ ଶ୍ରେଣୀ ପରୀକ୍ଷା ଫଳ ରେ ଉମରକୋଟ ର ତିନି ପରୀକ୍ଷାର୍ଥୀ ରଖିଲେ ଏ.୧

ଉମରକୋଟ(ମହାଭାରତ)ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ପରୀକ୍ଷା ଫଳ ସାରା ଓଡିଶା ରେ ଗଣ ଶିକ୍ଷା ମନ୍ତ୍ରୀ ଙ୍କ ଦ୍ୱାରା ଉନ୍ମୋଚିତ ହେଇଥିବା ବେଳେ. ଉମରକୋଟ ରେ ଥିବା ସରକାରୀ ବିଦ୍ୟାଳୟ ଗୁଡିକ ରେ ଆସତୀତ ସଫଳତା ମିଳିଛି ।ଦିନକୁ ଦିନ ସରକାରୀ ବିଦ୍ୟାଳୟ ପ୍ରତି ଅଭି ଭାବକ ମାନେ ମୁଁହ ମୋଡୁଥିବା ବେଳେ। ଜିଲ୍ଲାରେ ଉମରକୋଟ ସରକାରୀ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କ ର ଫଳ ରେ ଏବେ ସବୁଠି ଉତ୍ସାହ ।ସୂଚନା ଅନୁଯାୟୀ ଉମରକୋଟ ସଦର ମହକୁମା ରେ ଥିବା ସରକାରୀ ପିଏମ. ଶ୍ରୀ ସ୍ୱାମୀ ବିବେକାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେ ୧୧୫ ଜଣ ଛାତ୍ର ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସାଇନା ମଙ୍ଗଳମ ୫୪୮ ମାର୍କ ରଖି ଜିଲ୍ଲାରେ ଦ୍ୱିତୀୟ ଟପ୍ପର ହେଇଛନ୍ତି। ଯାହା ପୁରା ଜିଲ୍ଲା ର ଶିକ୍ଷା କ୍ଷେତ୍ରରେ ଉମରକୋଟ ସରକାରୀ ବିଦ୍ୟାଳୟ କୁ ପୁଣି ଉତ୍ସାହ ରେ ଭରି ଦେଇଛି ।ସୂଚନା ଅନୁସାରେ ଚଳିତ ମାଟ୍ରିକ ପରୀକ୍ଷା ରେ ସ୍ଥାନୀୟ ବିବେକାନନ୍ଦ ସ୍କୁଲ ର ସାଇନା ମଙ୍ଗଳମ ୫୪୮ ମାର୍କ ରଖି ଜିଲ୍ଲାର ଦ୍ୱିତୀୟ ଟପ୍ପର ହେଇଥିବା ବେଳେ ସ୍ୱଦେଶ ଗୌରବ ୫୪୦ ଓ କଳିଙ୍ଗ ବିଦ୍ୟାପୀଠ ର ସିଦ୍ଧାର୍ଥ ପାଣି ଗ୍ରାହୀ ୫୪୦ ମାର୍କ ରଖି ଉମରକୋଟ ସମେତ ଜିଲ୍ଲାର ଗର୍ବ ରଖିଛନ୍ତି। ସାଇନା ମଙ୍ଗଳମ ଙ୍କ ବାପା ଙ୍କ କହିବା ଅନୁଯାୟୀ ଝିଅ କୌଣସି ଟିଉସନ ଯାଉନଥିବା ବେଳେ ଦୈନିକ ୧୨ ଘଣ୍ଟା ପରିଶ୍ରମ କରୁଥିଲା। ଯାହା ଝିଅକୁ ସଫଳତା ଆଣିଦେଲା.ଛାତ୍ରୀ ସାଇନା ମଙ୍ଗଳମ ଙ୍କ କହିବା ଅନୁଯାୟୀ ଆଗକୁ ଡାକ୍ତର ହେବାକୁ ସ୍ୱପ୍ନ ଅଛି ବୋଲି କହିଛନ୍ତି। ସେପରି ସ୍ୱଦେଶ ଙ୍କ ବାପା ନିରଞ୍ଜନ ବାରିକ କହିଛନ୍ତି ପୁଅ ଦୈନିକ ୮ ଘଣ୍ଟା ପରିଶ୍ରମ ସହ ମୁଁ ମୋ ଦୋକାନ କାମ ରୁ ସମୟ ମିଳିଲେ ତାର ପାଠ ଉପରେ ନଜର ପକାଏ। ପିଲାଦିନୁ ନିଜ ପାଠ ପ୍ରତି ତାର ବହୁତ ଆଗ୍ରହ ଥିଲା ଓ ସେ ମେଡିକାଲ ସ୍ତରରେ ଯିବାକୁ ଚାହୁଁଛି ବୋଲି ତାଙ୍କ ବାପା କହିଛନ୍ତି। ୫୪୦ ମାର୍କ ରଖିଥିବା ସିଦ୍ଧାର୍ଥ ଙ୍କ ବାପା ସଂଜୟ ମଧ୍ୟ ପୁଅ ର ପରିଶ୍ରମ ଓ ଶିକ୍ଷକ ଙ୍କ ନିଷ୍ଠା ଯୋଗୁ ଏହା ସମ୍ଭବ ହେଇପାରିଲା ବୋଲି କହିଛନ୍ତି।

# ଜିଲ୍ଲା କାର୍ଯ୍ୟକାରିଣୀ ଓ ପ୍ରତିବାଦ ସଭା : ସାମ୍ବାଦିକଙ୍କ ଦାବି ପାଇଁ ଲଢ଼େଇ ଜାରି ରହିବ




ନୟାଗଡ଼, ( ମହାଭାରତ ) : ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନୟାଗଡ଼ ଜିଲ୍ଲା ଶାଖା ପକ୍ଷରୁ ଶ୍ରମ ଦିବସ ଅବସରରେ ଏକ ପ୍ରତିବାଦ ସଭା ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଆବାହକତ୍ୱରେ ନୟାଗଡ଼ ସାମ୍ବାଦିକ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କର, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ପବିତ୍ର ମହାରଥା ଯୋଗ ଦେଇଥିଲେ। ନୟାଗଡ଼ ଜିଲ୍ଲା ଶାଖା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସାମ୍ବାଦିକଙ୍କ ନାର୍ଯ୍ୟ ଦାବି ଉପରେ ଆଲୋଚନା କରିଥିଲେ। ଉତ୍କଳ ସାମ୍ବାଦିକ ସଂଘ ପୂର୍ବତନ ସଭାପତି ଦେବପ୍ରସାଦ ମିଶ୍ରଙ୍କ ପରଲୋକକୁ ନେଇ ନୀରବ ପ୍ରାର୍ଥନା କରାଯାଇଥିଲା। ସାମ୍ବାଦିକଙ୍କ ନାର୍ଯ୍ୟ ଦାବି ପୂରଣ ପାଇଁ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଗତ ୨୯ ତାରିଖ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନୟାଗଡ଼ ଜିଲ୍ଲାର ସଦର ମହକୁମା ଏବଂ ସମସ୍ତ ବ୍ଲକରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶ୍ରମ ଦିବସ ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକ ମାନେ କଳାବ୍ୟାଜ ପରିଧାନ କରିଥିବା ବେଳେ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଉପସ୍ଥିତ ରହିଥିବା ଶତାଧିକ ସାମ୍ବାଦିକ ମାନେ କଳାବ୍ୟାଚ୍ ପରିଧାନ କରିଥିଲେ। ପ୍ରତିବାଦ ସଭାରେ ରାଜ୍ୟ ସଭାପତି ଶ୍ରୀଯୁକ୍ତ କର ତାଙ୍କ ବକ୍ତବ୍ୟରେ ଗତ ସରକାର ସମୟରେ ରାଜ୍ୟ ସଂଘ ପକ୍ଷରୁ ଲୋୟର ପିଏମ୍ଜି ଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଯୋଗ ଦେଇ ତତ୍କାଳିନ ବିରୋଧି ଦଳ ମୁଖ୍ୟ ସଚେତକ ତଥା ଏବେକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କ୍ଷମତାକୁ ଆସିବା ପରେ ସାମ୍ବାଦିକଙ୍କ ସମସ୍ତ ଦାବି ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ। ସରକାର କ୍ଷମତାକୁ ଆସିବାକୁ ୨ ବର୍ଷ ବିତିଥିଲେ ସୁଦ୍ଧା ସାମ୍ବାଦିକଙ୍କ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି କହିଥିଲେ। ଗତ ବିଧାନସଭା ଅଧିବେଶନରେ ସାମ୍ବାଦିକଙ୍କ କୌଣସି ଦାବି ସରକାରଙ୍କ ପାଖରେ ଅଟକି ନଥିବା ତଥା ସାମ୍ବାଦିକଙ୍କ ପାଇଁ ସରକାରଙ୍କ କୌଣସି ଯୋଜନା ନଥିବା ନେଇ ମୁଖ୍ୟମନ୍ତ୍ରୀ ବିବୃତି ରଖି ସମସ୍ତଙ୍କୁ ବିସ୍ମିତ କରିଛି। ବିଭିଓ ରାଜ୍ୟରେ ସାମ୍ବାଦିକଙ୍କୁ ପେନସନ ପ୍ରଦାନ କରାଯାଉଥିବା ନେଇ ସରକାରଙ୍କୁ ଅବଗତ କରାଯାଇଥିବା ବେଳେ ଓଡ଼ିଶା ସରକାର ସାମ୍ବାଦିକଙ୍କ କଲ୍ୟାଣ ପାଇଁ କୌଣସି ପଦକ୍ଷେପ ନନେବା ପରିତାପର ବିଷୟ ବୋଲି କହିଥିଲେ। ଉତ୍କଳ ସାମ୍ବାଦିକ ସଂଘ ୧୦ ଦଫା ଦାବି ନେଇ ଲଢ଼େଇ ଜାରି ରଖିବ ବୋଲି ସୂଚନା ଦେଇଥିଲେ। ଅଧିସ୍ୱୀକୃତି କମିଟି ପୁର୍ନଗଠନ, ଜିଲ୍ଲା ଓ ରାଜ୍ୟ ସ୍ତରରେ ଯୋଗ୍ୟ ସାମ୍ବାଦିକଙ୍କୁ ମାନ୍ୟତା ପ୍ରଦାନ, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ର୍ଦ୍ଧ୍ୱ ସାମ୍ବାଦିକଙ୍କୁ ପେନସନ ବ୍ୟବସ୍ଥା, ଓଡ଼ିଶା ପ୍ରେସ ଏକାଡେମୀ ଗଠନ, ରାଜଧାନୀରେ ଭବନ ନିର୍ମାଣ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅବସରପ୍ରାପ୍ତ ସାମ୍ବାଦିକ, ହିତାଧିକାରୀଙ୍କ ପିତା ମାତା ଏବଂ ୨୫ ବର୍ଷରୁ ଉର୍ଦ୍ଧ୍ୱସନ୍ତାନଙ୍କୁ ସାମିଲ କରିବା, ମୃତ୍ୟୁକାଳୀନ ଅନୁକମ୍ପା ରାଶି ୧୦ ଲକ୍ଷକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଛି। ସେହିଭଳି ଭାବେ ଉପଦେଷ୍ଟା ଶ୍ରୀଯୁକ୍ତ ମହାରଥା ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବି ଉପରେ ବକ୍ତବ୍ୟ ରଖିଥିଲେ। ସାମ୍ବାଦିକ ମାନେ ଏକାଠି ହୋଇ ହାତ ମୁଠାକୁ ଟାଣ କଲେ ସରକାର ଦାବି ପୁରଣ କରିବାକୁ ବାଧ୍ୟ ହେବେ ବୋଲି ସେ କହିଥିଲେ। ସରକାର ଦାବି ପୂରଣ ନକଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବାକୁ ଏକମତ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ ସଂଯୋଜନା କରିଥିଲେ।

## ଗ୍ୟାଙ୍ଗଟକରେ ଫୁଟବଲ ଖେଳିଲେ ପିଏମ୍



ସିକ୍କିମ, ୦୨/୦୫ : ଦୁଇ ଦିନିଆ ସିକିମ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଛନ୍ତି । ମଙ୍ଗଳବାର ଦିନ ସେ ରାଜ୍ୟର ୫୦ତମ ପ୍ରତିଷ୍ଠା ଦିବସର ସମାପନୀ ଉତ୍ସବରେ ଯୋଗଦେବେ । ଏହା ପୂର୍ବରୁ, ସେ ସକାଳୁ ସକାଳୁ ରାଜଧାନୀ ଗ୍ୟାଙ୍ଗଟକର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ । ଖାସ୍ କରି ପିଲାଙ୍କ ସହ ଫୁଟବଲ୍ ଖେଳି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ସୋସିଆଲ ମିଡିଆ ଏକ୍ସରେ ଏହି ଅଭିଜ୍ଞତାକୁ ସେୟାର କରି ପ୍ରଧାନମନ୍ତ୍ରୀ ଲେଖିଛନ୍ତି, ଗ୍ୟାଙ୍ଗଟକର ସକାଳ ମୋ ପାଇଁ ଥିଲା ବହୁତ ଖାସ୍ । ଖାଲି ସେତିକି ନୁହେଁ ସିକ୍କିମର ଯୁବବର୍ଗଙ୍କ ସହିତ ଫୁଟବଲ ଖେଳିବା ଏକ ସ୍ମରଣୀୟ ଅଭିଜ୍ଞତା ଥିଲା। କାରଣ ଏମିତି ମଜ୍ଜା ଆଉ କେଉଁଠୁ ଆସିବ । ସେ ଏହା ମଧ୍ୟ କହିଛନ୍ତି, ଯୁବବର୍ଗମାନଙ୍କ ସହିତ ଏହା ଏକ ସୁନ୍ଦର ଖେଳ ଅଧିବେଶନ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ସୋମବାର ସନ୍ଧ୍ୟାରେ ଗ୍ୟାଙ୍ଗଟକରେ ପହଞ୍ଚିଥିଲେ, ଯେଉଁଠାରେ ସେ ଏକ ରୋଡ୍ ସୋ କରିଥିଲେ। ତାଙ୍କ ରାଲି ହେଲିପ୍ୟାଡ୍ରୁ ଲୋକଭବନ ଅଭିମୁଖେ ଯାତ୍ରା କରିଥିଲା, ତାଙ୍କୁ ଦେଖିବା ପାଇଁ ରାସ୍ତା କଡ଼େର ବହୁ ସଂଖ୍ୟାରେ ଲୋକ ଜମା ହୋଇଥିଲେ।ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଗସ୍ତ ସମୟରେ ଗ୍ୟାଙ୍ଗଟକର ଅର୍କିଡାରିୟମ୍ ମଧ୍ୟ ପରିଦର୍ଶନ କରି 'ସ୍ୱର୍ଣ୍ଣ ଜୟନ୍ତୀ ମୈତ୍ରୀ ମଞ୍ଜରୀ ପାର୍କ' ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସିକ୍କିମର ଜୈବ ବିବିଧତା ଏବଂ ପୁଷ୍ପ ଐତିହ୍ୟକୁ ପ୍ରଦର୍ଶନ କରିବା ପାଇଁ ବିକଶିତ ହୋଇଛି। ସିକିମର ୫୦ତମ ବାର୍ଷିକୀ ଉପଲକ୍ଷେ ପାଲଜୋର ଷ୍ଟାଡିୟମରେ ମୁଖ୍ୟ ସମାରୋହରେ ଯୋଗଦେବେ। ସେ ୪,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି।

## ଗଙ୍ଗା ଏକ୍ସପ୍ରେସୱେର ଶୁଭାରମ୍ଭ

ବାରାଣସୀ, ୦୨/୦୫ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି (ବୁଧବାର, ୨୯ ଏପ୍ରିଲ ୨୦୨୬) ନିଜ ସଂସଦୀୟ କ୍ଷେତ୍ର ବାରାଣସୀ ଗସ୍ତର ଦ୍ୱିତୀୟ ଦିନରେ କାଶୀ ବିଶ୍ୱନାଥ ମନ୍ଦିରରେ ପହଞ୍ଚି ବାବା ବିଶ୍ୱନାଥଙ୍କ ବିଶେଷ ପୂଜାର୍ଚ୍ଚନା କରିଛନ୍ତି। ପ୍ରାୟ ୩୦ ମିନିଟ୍ ଧରି ଚାଲିଥିବା ଏହି ଅନୁଷ୍ଠାନ ପରେ ପ୍ରଧାନମନ୍ତ୍ରୀ ସେଠାରେ ଉପସ୍ଥିତ ଥିବା କୁନି କୁନି ପିଲାମାନଙ୍କୁ ଭେଟି ସେମାନଙ୍କ ସହ କଥା ହୋଇଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ମନ୍ଦିର ପରିସରରେ ପ୍ରବେଶ କରିବା ସମୟରେ ବେଦମନ୍ତ୍ର ଏବଂ ଡମରୁ ବାଦନରେ ପୂରା ପରିବେଶ ଉଛୁଳି ପଡ଼ିଥିଲା। ପୁଜାରୀମାନଙ୍କ ଗହଣରେ ସେ ଗର୍ଭଗୃହକୁ ଯାଇ ବାବା ବିଶ୍ୱନାଥଙ୍କ ଜ୍ୟୋତିର୍ଲିଙ୍ଗ ସମ୍ମୁଖରେ ବସିଥିଲେ। ମନ୍ଦିରର ବିଶେଷ ପୂଜାରୀଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ସଂକଳ୍ପ କରାଯାଇଥିଲା। ଏହାପରେ ଗଙ୍ଗାଜଳ, ଦୁଗ୍ଧ, ହଳଦୀ ଜଳ ଏବଂ ଅକ୍ଷତରେ ବାବାଙ୍କ ଅଭିଷେକ କରାଯାଇଥିଲା। ପୂଜା ଶେଷରେ ସେ ପଞ୍ଚଦୀପରେ ବାବାଙ୍କ ଆଳତି କରିବା ସହ ମନ୍ଦିର ପ୍ରଦକ୍ଷିଣା କରିଥିଲେ। ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ତାଙ୍କୁ ତ୍ରିଶୂଳ, ଡମରୁ ଏବଂ କାଶୀ ବିଶ୍ୱନାଥ ମନ୍ଦିରର ଏକ ପ୍ରତିକୃତି ପ୍ରଦାନ କରାଯାଇ ସ୍ୱାଗତ କରାଯାଇଥିଲା। ପୂଜା ପରେ ପିଏମ ମୋଦୀ କାଶୀର କୁନି କୁନି ପିଲାମାନଙ୍କୁ ଭେଟିଥିଲେ। ପିଲାମାନଙ୍କ ଗହଣରେ ସେ ବେଶ୍ ଖୁସି ଜଣାପଡୁଥିଲେ। ଏହାପୂର୍ବରୁ ସେ'ବରେକା' (ଇଖଡ) ରୁ ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୧୪ କିଲୋମିଟର ରାସ୍ତାରେ ରୋଡ୍ ସୋ' ମାଧ୍ୟମରେ ହଜାର ହଜାର କାଶୀବାସୀଙ୍କ ଅଭିବାଦନ ଗ୍ରହଣ କରିଥିଲେ। ରାସ୍ତାରେ ବିଭିନ୍ନ ସ୍ଥାନରେ ବିଜେପି କର୍ମୀ ଏବଂ ସାଧାରଣ ଜନତା ଫୁଲ ବର୍ଷା କରି ତାଙ୍କୁ ସ୍ୱାଗତ କରିଥିଲେ। କାଶୀରୁ ପୂଜା ସାରି ପ୍ରଧାନମନ୍ତ୍ରୀ ସିଧାସଳଖ ହରଦୋଇ ଜିଲ୍ଲାର ମଲ୍ଲୱା ଅଭିମୁଖେ ଯାଇଛନ୍ତି। ସେଠାରେ ସେ ଦେଶର ଅନ୍ୟତମ ବୃହତ୍ତମ ପ୍ରକଳ୍ପ ଗଙ୍ଗା ଏକ୍ସପ୍ରେସୱେର ଉଦ୍ଘାଟନ କରିବେ। ପ୍ରାୟ ୩୬,୨୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଏକ୍ସପ୍ରେସୱେ ଉତ୍ତରପ୍ରଦେଶର ୧୨ଟି ଜିଲ୍ଲା ଦେଇ ଗତି କରୁଛି। ଗତକାଲି ବାରାଣସୀରେ ପହଞ୍ଚିବା ପରେ ମହିଳାମାନେ ଶଙ୍ଖନାଦ କରି ପ୍ରଧାନମନ୍ତ୍ରୀଙ୍କୁ ଅଭୂତପୂର୍ବ ସ୍ୱାଗତ କରିଥିଲେ, ଯାହା ସାରା ସହରରେ ଏକ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଗସ୍ତ କାଶୀ ଏବଂ ପୂରା ଉତ୍ତରପ୍ରଦେଶର ବିକାଶ କ୍ଷେତ୍ରରେ ଏକ ନୂଆ ମାଇଲଖୁଣ୍ଟ ସାଜିବ।

## ପାକିସ୍ତାନ ମାନଚିତ୍ରରେ ଜମ୍ମୁ କଶ୍ମୀର ଏବଂ ଲଦାଖ ଦେଖାଇଲା ନେପାଳ ଏୟାରଲାଇନ୍ସ, ବିବାଦ ପରେ କ୍ଷମା ମାଗିଲା

ନୂଆଦିଲ୍ଲୀ, ୦୨/୦୫ : ଭାରତର ଭୁଲ୍ ମ୍ୟାପ୍ ଦେଖାଇ ବିବାଦରେ ଫସିଲା ନେପାଳ ଏୟାରଲାଇନ୍ସ । ନେପାଳ ଏୟାରଲାଇନ୍ସର ଭୁଲ୍ ଭାରତ ମାନଚିତ୍ରରେ ଜମ୍ମୁ କଶ୍ମୀରକୁ ପାକିସ୍ତାନ ଅଞ୍ଚଳ ଭାବରେ ଦର୍ଶାଯାଇଛି । ନେପାଳ ଏୟାରଲାଇନ୍ସ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ଫ୍ଲାଇଟ୍ ନେଟୱାର୍କ ମ୍ୟାପ୍ ପୋଷ୍ଟ କରିଛି, ଯେଉଁଥିରେ ସମଗ୍ର ଜମ୍ମୁ ଏବଂ କଶ୍ମୀରକୁ ପାକିସ୍ତାନର ଅଂଶ ଭାବରେ ଦର୍ଶାଯାଇଥିଲା । ତେବେ ଏହାକୁ ନେଇ ସମାଲୋଚନା ହେବା ପରେ ୨୪ ଘଣ୍ଟା ଭିତରେ କ୍ଷମା ମାଗିଛି ନେପାଳ ଏୟାରଲାଇନ୍ । ଏୟାରଲାଇନ ତରଫରୁ ଏକ ରୁଟ୍ ମ୍ୟାପ୍ ସେୟାର କରାଯାଇଥିଲା, ଏଥିରେ କେନ୍ଦ୍ର ଶାସିତ ଅଞ୍ଚଳ ଜମ୍ମୁ କଶ୍ମୀର ଏବଂ ଲଦାଖକୁ ପାକିସ୍ତାନର ବୋଲି ଦର୍ଶାଯାଇଥିଲା । ଏହା ସୋସିଆଲ ମିଡିଆରେ ଭାଇରଲ ହେବା ପରେ ଭାରତୀୟ ୟୁଜର୍ସ ଏୟାରଲାଇନକୁ ବୟକଟ୍ କରିବା ପାଇଁ ଟ୍ରେଣ୍ଡ କରିଥିଲେ । ଏହାସହିତ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏବଂ ବିମାନ ଚଳାଚଳ ଉନ୍ନୟନ ମନ୍ତ୍ରଣାଳୟକୁ ନେପାଳ ସରକାରଙ୍କ ବିରୋଧରେ କୂଟନୈତିକ ବିରୋଧ କରିବାକୁ ଦାବି କରିଥିଲେ । ଯାହା ପରେ ନେପାଳ ଏୟାରଲାଇନ୍ସ ତରଫରୁ କ୍ଷମା ମଗାଯାଇଥିଲା । ସୋସିଆଲ ମିଡିଆ ଏକ୍ସରେ ଏକ ପୋଷ୍ଟରେ ଏୟାରଲାଇନ୍ସ କହିଛି, ଆମର ସୋସିଆଲ ମିଡିଆ ଚ୍ୟାନେଲଗୁଡ଼ିକରେ ସମ୍ପ୍ରତି ସେୟାର ହୋଇଥିବା ନେଟୱାର୍କ ମ୍ୟାପରେ ତ୍ରୁଟି ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ । ମାନଚିତ୍ରରେ ଅନ୍ତର୍ଜାତୀୟ ସୀମା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତ୍ରୁଟି ଥିଲା । ଏହା ନେପାଳ କିମ୍ବା ନେପାଳ ଏୟାରଲାଇନ୍ସର ସରକାରୀ ସ୍ଥିତିକୁ ପ୍ରତିଫଳିତ କରେ ନାହିଁ । ଏହି ମାମଲାର ଆଭ୍ୟନ୍ତରିକ ଯାଞ୍ଚ ପାଇଁ ଆଦେଶ ଦିଆଯାଇଛି । ନେପାଳରେ କ୍ଷମତାକୁ ଆସିବା ପରଠାରୁ ବାଲେନ ଶାହ ସରକାର ଭାରତ ବିରୋଧୀ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମେ ବାଲେନ ସରକାର ଭାରତରୁ ୧୦୦ ନେପାଳୀ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ବାଧ୍ୟତାମୂଳକ ସୀମା ଶୁଳ୍କ ୫୦-୮୦% ଲାଗୁ କରିବାକୁ ନିଷ୍ପତ୍ତି ନେଇଥିଲେ ।

# ଆମେ ଏକ ଲମ୍ବା ସଂଘର୍ଷ ପାଇଁ ପ୍ରସ୍ତୁତ ଥିଲୁ : ରାଜନାଥ

ନୂଆଦିଲ୍ଲୀ : ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଏକ ସ୍ପଷ୍ଟ ଏବଂ କଡ଼ା ବାର୍ତ୍ତା ଦେଇଛନ୍ତି ଯେ ଭାରତ କୌଣସି ଆତଙ୍କବାଦୀ କାର୍ଯ୍ୟକଳାପକୁ ସହ୍ୟ କରିବ ନାହିଁ। ସେ କହିଛନ୍ତି, ଅପରେସନ ସିନ୍ଦୂରକୁ ବର୍ଷେ ପୂରଣ ହୋଇଛି ଏବଂ ନୂତନ ବିଶ୍ୱ କ୍ରମରେ ଏହା ଭାରତର ପରିବର୍ତ୍ତିତ ନୀତିର ପ୍ରତୀକ ଭାବରେ ଉଭା ହୋଇଛି। ଭାରତ ଆଉ ଏପରି ଏକ ଦେଶ ନୁହେଁ ଯେ, ଆତଙ୍କବାଦୀ ଆକ୍ରମଣ ପରେ କେବଳ କୂଟନୈତିକ ବିବୃତି ଜାରି କରିବ। ଅପରେସନ୍ ସିନ୍ଦୂର ବିଶ୍ୱକୁ ଏକ ସ୍ପଷ୍ଟ ସଙ୍କେତ ଦେଇଛି ଯେ, ଭାରତ ଏହାର ସୁରକ୍ଷା ପ୍ରସଙ୍ଗରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଛଘୁଞ୍ଚା ଦେବ ନାହିଁ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପାକିସ୍ତାନକୁ ଟାର୍ଗେଟ କରି କହିଛନ୍ତି ଯେ ଆଜି ଯେତେବେଳେ ଭାରତ ବିକାଶର ନୂତନ ମାନଦଣ୍ଡ ସ୍ଥାପନ କରୁଛି ଏବଂ ସାରା ବିଶ୍ୱରେ ସୂଚନା ପ୍ରଯୁକ୍ତିବିଦ୍ୟା (ଆଇଟି) କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ ପରିଚୟ ସୃଷ୍ଟି କରିଛି, ପାକିସ୍ତାନ 'ଦ୍ୱିତୀୟ ଆଇଟି' ଅର୍ଥାତ୍ ଅନ୍ତର୍ଜାତୀୟ ଆତଙ୍କବାଦର କେନ୍ଦ୍ର ପାଲଟିଛି। ରାଜନାଥ ସିଂହ କହିଛନ୍ତି, ଅପରରେସନ ସିନ୍ଦୂର ଅପରେସନ୍ ସମୟରେ କେବଳ ଭାରତ ଉପରେ ଆକ୍ରମଣ କରିଥିବା ଶିବିରଗୁଡ଼ିକୁ ଟାର୍ଗେଟ କରାଯାଇଥିଲା, ଯେତେବେଳେ ପାକିସ୍ତାନ ଭାରତରେ ସାଧାରଣ ନାଗରିକ ଅଞ୍ଚଳ ଉପରେ ଆକ୍ରମଣ କରିବାର ଘୃଣ୍ୟ କାର୍ଯ୍ୟ କରିଥିଲା। ସେ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଅପରେସନ ବନ୍ଦ କରିବା ଭାରତର ରଣନୈତିକ ପସନ୍ଦ ଥିଲା, ଦୁର୍ବଳତାର



ପରିଣାମ ନୁହେଁ। ଆବଶ୍ୟକ ହେଲେ ଭାରତ ଏକ ଦୀର୍ଘକାଳୀନ ସଂଘର୍ଷ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ମୁଁ ଏଠାରେ ପୁଣି ଥରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ଆମର କ୍ଷମତା କମ୍ ହୋଇଯାଇଥିବାରୁ ଆମେ ସେହି ଅପରେସନକୁ ବନ୍ଦ କରିନାହୁଁ। ଆମେ ଏହାକୁ ସ୍ୱେଚ୍ଛାକୃତ ଭାବରେ, ନିଜସ୍ୱ ସର୍ତ୍ତରେ ବନ୍ଦ କରିଥିଲୁ। ଆବଶ୍ୟକ ହେଲେ, ଆମେ ଏକ ଦୀର୍ଘ ସଂଘର୍ଷ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲୁ। ଆମର ଉତ୍କ୍ଷେପଣ କ୍ଷମତା, ହଠାତ୍ ଆବଶ୍ୟକତା ସମୟରେ ଆମର କ୍ଷମତାକୁ ବିସ୍ତାର କରିବାର କ୍ଷମତା, ପୂର୍ବରୁ ଥିଲା ଏବଂ ଏବେ ବି ଅଛି, ଏବଂ ପୂର୍ବ ଅପେକ୍ଷା ଆହୁରି ସୁଦୃଢ଼ ରହିଛି। ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ସମୟରେ ଭାରତକୁ ପରମାଣୁ ଆକ୍ରମଣର ଧମକ ମିଳିଥିଲା, କିନ୍ତୁ ଦେଶ ଏହାକୁ ଗମ୍ଭୀରତାର ସହ ନେଇନଥିଲା ଏବଂ ଜାତୀୟ ସ୍ୱାର୍ଥ ଅନୁଯାୟୀ କାର୍ଯ୍ୟ କରିଥିଲା। ଭାରତ ଆଉ ଆତଙ୍କବାଦ ଏବଂ ଏହାକୁ ସମର୍ଥନ କରୁଥିବା ଦେଶ ମଧ୍ୟରେ ପାର୍ଥକ୍ୟ କରିବ ନାହିଁ। ତାଙ୍କ ମନ୍ତବ୍ୟ ପାକିସ୍ତାନକୁ ସ୍ପଷ୍ଟ ଭାବରେ କଡ଼ା ବାର୍ତ୍ତା ଦେଇଛି। ଅପରେସନ ସିନ୍ଦୂର ଭାରତକୁ ଲାଭ ଦେଇଥିଲା। ସେ ଏହା ଦର୍ଶାଇଛନ୍ତି ଯେ, ଅପରେସନ୍ ସିନ୍ଦୂର ପରେ, ବିଶ୍ୱରେ ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ପ୍ରତି ଏକ ସକାରାତ୍ମକ ଧାରା ଦେଖାଦେଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ପ୍ରତିରକ୍ଷା ରପ୍ତାନି ପ୍ରାୟ ୩୯,୦୦୦ କୋଟିରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ତୁଳନାରେ ୬୨.୬୬ ପ୍ରତିଶତର ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ପ୍ରତିଫଳିତ କରୁଛି।

## ନାଦିଆରେ ବିଜେପି ପ୍ରାର୍ଥୀ ସୈକତ ସରକାରଙ୍କ ଉପରେ ରକ୍ତାକ୍ତ ଆକ୍ରମଣ

ନାଦିଆ/କଲକାତା : ପଶ୍ଚିମବଙ୍ଗରେ ଦ୍ୱିତୀୟ ତଥା ଶେଷ ପର୍ଯ୍ୟାୟ ମତଦାନ ଚାଲିଥିବା ବେଳେ ନାଦିଆ ଜିଲ୍ଲାରୁ ଏକ ବଡ଼ ଧରଣର ହିଂସାକାଣ୍ଡ ଖବର ସାମ୍ନାକୁ ଆସିଛି। ଚାପଡ଼ା ବିଧାନସଭା ଆସନର ବିଜେପି ପ୍ରାର୍ଥୀ ସୈକତ ସରକାରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ବିଜେପି ପ୍ରାର୍ଥୀ ରକ୍ତାକ୍ତ ଅବସ୍ଥାରେ ଦେଖାଯାଇଥିବା ବେଳେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୈକତ ସରକାରଙ୍କ ଅଭିଯୋଗ ଅନୁଯାୟୀ, ଚାପଡ଼ା ବିଧାନସଭା କ୍ଷେତ୍ରର ଏକ ବୁଥ୍ରେ ବିଜେପିର ପୋଲିଂ ଏଜେଣ୍ଟଙ୍କୁ ବସିବାକୁ ଦିଆଯାଇନଥିଲା। ଏହି ଖବର ପାଇ ପ୍ରାର୍ଥୀ ସେଠାରେ ପହଞ୍ଚିବା ପରେ ଟିଏମସି କର୍ମୀଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ଏହା ପରେ



ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା ଏବଂ ତାଙ୍କ ଉପରେ ଆକ୍ରମଣ କରାଯାଇଥିଲା। ପ୍ରାର୍ଥୀଙ୍କ ମୁଣ୍ଡରେ ଆଘାତ ଲାଗିଥିବା ବେଳେ ତାଙ୍କ ପୋଷାକ ରକ୍ତରେ ଜୁଡୁବୁଡୁ ହୋଇଥିବା ଦେଖିବାକୁ ମିଳିଛି। ଏହି ହିଂସା ପାଇଁ ବିଜେପି ସିଧାସଳଖ ଟିଏମସିକୁ ଦାୟୀ କରିଛି। ପରାଜୟ ଭୟରେ ଟିଏମସି ଗୁଣ୍ଡାଗର୍ଦ୍ଦି କରୁଛି ଏବଂ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ଟାର୍ଗେଟ୍ କରୁଛି ବୋଲି ବିଜେପି ପକ୍ଷରୁ କୁହାଯାଇଛି। ତେବେ ଟିଏମସି ପକ୍ଷରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି। ନିର୍ବାଚନ କମିଶନ (ରକ୍ଷରମଗ୍ବସକ୍ଟଭ ଉକ୍ଟଙ୍କଙ୍କସଗ୍ବଗ୍ବସକ୍ଟଭ) ଏହି ଘଟଣାର ରିପୋର୍ଟ ମାଗିବା ସହ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନାଦିଆରେ ଘଟିଥିବା ଏହି ସଂଘର୍ଷ ପରେ ସାଧାରଣ ଭୋଟରଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୁରକ୍ଷା ବାହିନୀ ସେଠାରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି। ରାଜ୍ୟରେ ଶେଷ ପର୍ଯ୍ୟାୟ ମତଦାନ ହେଉଥିବାରୁ ବିଭିନ୍ନ ସ୍ଥାନରୁ ହିଂସା ଖବର ଆସୁଛି। ଏହି ଘଟଣା ଏବେ ପଶ୍ଚିମବଙ୍ଗ ରାଜନୀତିରେ ପୁଣି ଥରେ ନିର୍ବାଚନୀ ହିଂସା ପ୍ରସଙ୍ଗକୁ ଉଜାଗର କରିଛି।

## ଏଥର ଟିଏମସି ସମ୍ପୂର୍ଣ୍ଣ ସଫା ହେବ : ଶୁଭେନ୍ଦୁ ଅଧିକାରୀ



ନୂଆଦିଲ୍ଲୀ : ପଶ୍ଚିମବଙ୍ଗର ବିରୋଧୀ ଦଳ ନେତା ଏବଂ ନନ୍ଦୀଗ୍ରାମ ଓ ଭବାନୀପୁର ନିର୍ବାଚନମଣ୍ଡଳୀରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀ ଶନିବାର ମମତା ବାନାର୍ଜୀ ଏବଂ ଟିଏମସି ଉପରେ ଆକ୍ରମଣ କରିଛନ୍ତି। ଭବାନୀପୁର ନିର୍ବାଚନମଣ୍ଡଳୀରେ ଚାଲିଥିବା ପ୍ରତିଯୋଗିତାକୁ ଉଲ୍ଲେଖ କରି ସେ କହିଛନ୍ତି, ଏହି ଅଞ୍ଚଳରେ ମମତା ବାନାର୍ଜୀ ଏବଂ ଫିରହାଦ ହାକିମ ଆଗରେ ଅଛନ୍ତି। କିନ୍ତୁ ଏଥର ସେମାନେ ଆଗରେ ରହିପାରିବେ ନାହିଁ। ଏଥର ଟିଏମସି ସମ୍ପୂର୍ଣ୍ଣ ସଫା ହୋଇଯିବ। ମମତା ବାନାର୍ଜୀଙ୍କ ତୁଷ୍ଟିକରଣ ରାଜନୀତି ହିଁ ସମାଜକୁ ବିଭାଜିତ କରୁଛି ବୋଲି ସେ କହିଛନ୍ତି। ପଶ୍ଚିମବଙ୍ଗରେ ୧୫୨ଟି ନିର୍ବାଚନମଣ୍ଡଳୀ ପାଇଁ ମତଦାନ ଗୁରୁବାର ଦିନ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟରେ ସର୍ବାଧିକ ୯୧.୯୧ ପ୍ରତିଶତ ମତଦାନ ହୋଇଛି। ଯାହା ଦୃଢ଼ ନିର୍ବାଚନୀ ଅଂଶଗ୍ରହଣକୁ ପ୍ରତିଫଳିତ କରେ। ବାକି ୧୪୨ଟି ନିର୍ବାଚନମଣ୍ଡଳୀ ପାଇଁ ମତଦାନ ମେ ୨୯ରେ ହେବ। ଭୋଟ ଗଣତି ମେ ୪ରେ ହେବ।

## ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ବିରୋଧରେ କେଜ୍ରିୱାଲଙ୍କ 'ସତ୍ୟାଗ୍ରହ'

ନୂଆଦିଲ୍ଲୀ : ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରି ଏହାକୁ ସତ୍ୟାଗ୍ରହ ନାମ ଦେଇଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ତାଙ୍କ ଅଭିଯୋଗ ନେଇ ମହାତ୍ମା ଗାନ୍ଧୀଙ୍କ ସ୍ମାରକୀ ସ୍ଥଳରେ ପହଞ୍ଚିଛନ୍ତି। ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ, ମନିଷ ସିସୋଦିଆ, ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀ ଓ ଅନ୍ୟ ନେତାମାନେ ମଧ୍ୟ ରାଜଘାଟରେ ପହଞ୍ଚିଥିଲେ। ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି ଯେ ସେ ନ୍ୟାୟପାଳିକାକୁ ସମ୍ମାନ କରନ୍ତି, କିନ୍ତୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ଯେ ସତ୍ୟାଗ୍ରହ କରିବାକୁ ପଡିବ। ଆମେ ବିଚାରପତିଙ୍କ ନିକଟକୁ ପଠାଇଥିବା ଚିଠିରେ ସବୁକିଛି ଲେଖିଛୁ। ଏହା ଅତ୍ୟନ୍ତ ସମ୍ବେଦନଶୀଳ ବିଷୟ, ତେଣୁ ମୁଁ ଗଣମାଧ୍ୟମରେ ଅଧିକ କିଛି କହିବି ନାହିଁ ବୋଲି କେଜ୍ରିୱାଲ କହିଛନ୍ତି। କେଜ୍ରିୱାଲ ସକାଳେ ସୋସିଆଲ ମିଡିଆ ମାଧ୍ୟମରେ ସୂଚନା ଦେଇଥିଲେ ଯେ ସେ ମନିଷ ସିସୋଦିଆଙ୍କ ସହ ମଧ୍ୟାହ୍ନ ୧୨ଟାରେ ରାଜଘାଟ ଯାଇ ବାପୁଙ୍କ ଆଶୀର୍ବାଦ ନେବେ। କାର୍ଯ୍ୟସୂଚୀ ଅନୁଯାୟୀ, କେଜ୍ରିୱାଲ ମନୀଷ ସିସୋଦିଆ, ଆତିଶୀ ମାର୍ଲେନା ଓ ଦଳର ଅନ୍ୟ ଅନେକ ନେତାଙ୍କ ସହ ରାଜଘାଟ ଯାଇଥିଲେ। କେଜ୍ରିୱାଲ ଓ ସିସୋଦିଆ ମଦ ଦୁର୍ନୀତି ମାମଲାର ଶୁଣାଣି କରୁଥିବା ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ବହିଷ୍କାର କରିଛନ୍ତି। ଉଭୟ ନେତା ଏହାକୁ ସେମାନଙ୍କର ସତ୍ୟାଗ୍ରହ ବୋଲି ବର୍ଣ୍ଣନା କରିଛନ୍ତି। ଏହାକୁ ବାପୁଙ୍କ ପ୍ରସ୍ତାବିତ ପଥ ବୋଲି ବର୍ଣ୍ଣନା କରି କେଜ୍ରିୱାଲ କହିଛନ୍ତି ଯେ ପ୍ରଥମେ ସେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କ ସମ୍ମୁଖରେ ନିଜର ମତ ରଖିଥିଲେ, କିନ୍ତୁ ଯେତେବେଳେ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେତେବେଳେ ତାଙ୍କ ପାଖରେ କେବଳ ସତ୍ୟାଗ୍ରହର ବିକଳ୍ପ ରହିଯାଇଥିଲା। କେଜ୍ରିୱାଲ ଓ ସିସୋଦିଆ କହିଛନ୍ତି ଯେ ସେମାନେ ଜଷ୍ଟିସ୍ ସ୍ୱର୍ଣ୍ଣକାନ୍ତାଙ୍କଠାରୁ ନ୍ୟାୟ ଆଶା କରୁନାହାନ୍ତି। ସୂଚନାଯୋଗ୍ୟ, ନିକଟରେ କେଜ୍ରିୱାଲ ଓ ସିସୋଦିଆଙ୍କ ସମେତ ୨୩ ଜଣ ନେତାଙ୍କୁ ନିମ୍ନ ଅଦାଲତ ନିର୍ଦ୍ଦୋଷରେ ଖଲାସ କରିଥିଲେ। ସିବିଆଇ ଏହି ଆଦେଶକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କ ଖଣ୍ଡପୀଠରେ ଏହି ମାମଲା ତାଲିକାଭୁକ୍ତ ହୋଇଥିଲା। ଅରବିନ୍ଦ କେଜ୍ରିୱାଲ ଚାହୁଁଥିଲେ ଯେ ଏହି ମାମଲାର ଶୁଣାଣି ଅନ୍ୟ ଏକ ବେଞ୍ଚରେ ହେଉ। ସେ ହାଇକୋର୍ଟର ପ୍ରଧାନ ବିଚାରପତିଙ୍କୁ ଚିଠି ଲେଖିଥିଲେ। ଏହି ଆବେଦନ ଖାରଜ ହେବା ପରେ କେଜ୍ରିୱାଲ ସତ୍ୟାଗ୍ରହ ଲଢ଼େଇ ଆରମ୍ଭ କରିଛନ୍ତି। ଏହା ବ୍ୟତୀତ ସେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବା ଉପରେ ବିଚାର କରିବେ ବୋଲି ମଧ୍ୟ କହିଛନ୍ତି।

## ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବିଜେପି : ଟିଏମ୍‌ସି

ନୂଆଦିଲ୍ଲୀ : ବିଜେପି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ହତ୍ୟା ଧମକ ଦେଇଛି ବୋଲି ଅଭିଯୋଗ କରି ଶାସକ ଟିଏମ୍‌ସି ଦଳ ସଦ୍ୟ ବିବାଦ ସୃଷ୍ଟି କରିଛି। ବିଜେପି ରାଜ୍ୟକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି ବୋଲି ଟିଏମ୍‌ସି ଅଭିଯୋଗ କରିଛି। ଉଲ୍ଲେଖଯୋଗ୍ୟ ଯେ ବିଧାନସଭା ନିର୍ବାଚନ ପୂର୍ବରୁ ଦକ୍ଷିଣ ୨୪ ପ୍ରଗଣାରେ ଏକ ଚଢ଼ଉ ସମୟରେ ନିର୍ବାଚନ କମିସନ୍‌ଙ୍କ ଦ୍ୱାରା ନିଯୁକ୍ତ ଜଣେ ପୋଲିସ ପର୍ଯ୍ୟବେକ୍ଷକ ଅଜୟ ପାଲ୍ ଶର୍ମା ଜଣେ ଟିଏମ୍‌ସି ପ୍ରାର୍ଥୀ ଜାହାଙ୍ଗିର ଖାନ୍‌ଙ୍କୁ ଚେତାବନୀ ଦେବାର ଭିଡିଓ ଭାଇରାଲ୍ ହେବାପରେ ଏହି ସଦ୍ୟ ବିବାଦ ଉପୁଜିଛି। ଏକ୍ସରେ ଏକ ପୋଷ୍ଟ୍ କରି ଟିଏମ୍‌ସି କହିଛି ଯେ ଦୁଷ୍କର୍ମ ଧମକ ପରେ ବିଜେପି ଏବେ ମମତା ବାନାର୍ଜୀଙ୍କ ବିରୋଧରେ ଖୋଲା ହତ୍ୟା ଧମକ ଦେଉଛି।





ଉଭୟ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିସନ୍‌ଙ୍କୁ ଟାର୍ଗେଟ୍ କରି ଟିଏମ୍‌ସି କହିଛି ଯେ ନିର୍ବାଚନ କମିସନ୍ ଏବେ ନିରବଦ୍ରଷ୍ଟା ସାଜିଛନ୍ତି। ବିଜେପି ପଶ୍ଚିମବଙ୍ଗ ପାଇଁ ଏହି ପରିବର୍ତ୍ତନ ଆଣିଛି। ବିଜେପି ପଶ୍ଚିମବଙ୍ଗକୁ 'ଗୋଲି ମାରୋ' ଏବଂ 'ଠୋକ୍ ଦୋ' ସଂସ୍କୃତି ଆଣିବାକୁ ଚେଷ୍ଟା କରୁଛି। ଦଳ ବିଜେପି ଜାତୀୟ ମୁଖପାତ୍ର ଆଲୋକ ଅଜୟଙ୍କର ଏକ ପୋଷ୍ଟ୍‌କୁ ଦର୍ଶାଇ ବିଜେପି ମମତାଙ୍କୁ ହତ୍ୟା ଧମକ ଦେଇଥିବା କହିଛି। ଆଲୋକ ଏକ ପୋଷ୍ଟ୍ କରି କହିଥିଲେ ଯେ, ଯଦି ଆପଣ ଆମକୁ ଭୟଭୀତ କରିବାକୁ ଚେଷ୍ଟା କରିବେ ଆପଣଙ୍କୁ ଗୁଳି କରାଯିବ ଦିଦି'।

# ଭାରତକୁ ୬୫୦ଟି ପ୍ରାଚୀନ ସାମଗ୍ରୀ ଫେରାଇଲା ଆମେରିକା

## ୧.୪ କୋଟି ଡଲାର ମୂଲ୍ୟର ଐତିହ୍ୟ ସଂଗ୍ରହରେ ଅନେକ ମୂର୍ତ୍ତି ସାମିଲ

ନୂଆଦିଲ୍ଲୀ, ୦୨/୦୫ : ଆମେରିକା ପ୍ରାୟ ୧୪ ନିୟୁତ ଡଲାର ମୂଲ୍ୟର ୬୫୦ଟି ପ୍ରାଚୀନ କଳାକୃତି ଏବଂ ସାଂସ୍କୃତିକ ବସ୍ତୁ ଭାରତକୁ ଫେରାଇ ଦେଇଛି। ଆମେରିକାର ଅଧିକାରୀମାନେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଏହି ଏସୀୟ ରାଷ୍ଟ୍ରକୁ ଏହାର ଚୋରି ହୋଇଥିବା ଐତିହ୍ୟକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାକି ଅଛି। ମଙ୍ଗଳବାର ଦିନ, ମାନହାଟନ ଜିଲ୍ଲା ଓକିଲ ଆଲଭିନ୍ ବ୍ରାଗ୍ ଆନୁଷ୍ଠାନିକ ଭାବରେ ଏହି ଜିନିଷଗୁଡ଼ିକର ପୁନରୁଦ୍ଧାର ଘୋଷଣା କରିଛନ୍ତି। ବିଭିନ୍ନ ଚୋରା ଚାଲାଣ ଦଳ ଉପରେ ଦୀର୍ଘ ତଦନ୍ତ ପରେ ଏହି ସମସ୍ତ ପ୍ରାଚୀନ ବସ୍ତୁ ଉଦ୍ଧାର କରାଯାଇଥିଲା। ଏହି ବଳୟଗୁଡ଼ିକରେ କୁଖ୍ୟାତ ଚୋରା ଚାଲାଣକାରୀ ସୁଭାଷ କପୁର ଏବଂ ଦୋଷୀ ସାବ୍ୟସ୍ତ ଚାଲାଣକାରୀ ନାନସି ୱିନରଙ୍କ ସହ ଜଡିତ





ନେଟୱାର୍କ ଅନ୍ତର୍ଭୁକ୍ତ। ନ୍ୟୁୟର୍କରେ ଭାରତର କନସୁଲେଟ୍ ଜେନେରାଲର ପ୍ରତିନିଧି ରାଜଲକ୍ଷ୍ମୀ କଦମଙ୍କ ଉପସ୍ଥିତିରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରତ୍ୟାବର୍ତ୍ତିତ କଳାକୃତିଗୁଡ଼ିକୁ ଭାରତକୁ ହସ୍ତାନ୍ତର କରାଯାଇଥିଲା।

ଏକ ବିବୃତ୍ତିରେ, ମାନହାଟନ ଜିଲ୍ଲା ଓକିଲ ଆଲଭିନ୍ ବ୍ରାଗ୍ କହିଛନ୍ତି, 'ଭାରତର ସାଂସ୍କୃତିକ ଐତିହ୍ୟକୁ ଟାର୍ଗେଟ କରୁଥିବା ଚୋରା ଚାଲାଣ ଦଳଗୁଡ଼ିକର ପରିସର ବିସ୍ତୃତ, ଯାହା ୬୦୦ ରୁ ଅଧିକ ଜିନିଷ ଫେରାଇବାରୁ ସ୍ପଷ୍ଟ ହୁଏ। ଭାରତକୁ ଏହାର ଚୋରି ହୋଇଥିବା କଳାକୃତିକୁ ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବା ପାଇଁ ଆହୁରି ପ୍ରୟାସ ଆବଶ୍ୟକ। ମୁଁ ମୋର ଦଳକୁ ସେମାନଙ୍କର ନିରନ୍ତର ଏବଂ ଉତ୍ସର୍ଗୀକୃତ ପ୍ରୟାସ ପାଇଁ ଧନ୍ୟବାଦ ଜଣାଉଛି। ନ୍ୟୁୟର୍କରେ ଭାରତର କନସଲ ଜେନେରାଲ, ବିନୟ ପ୍ରଧାନ, ମାନହାଟନ ଜିଲ୍ଲା ଓକିଲଙ୍କ କାର୍ଯ୍ୟାଳୟ, ଆମେରିକାର ଗୃହ ସୁରକ୍ଷା ବିଭାଗ ଏବଂ ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକର ନିରନ୍ତର ସହଯୋଗକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ଏହି ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବସ୍ତୁଗୁଡ଼ିକର ପୁନରୁଦ୍ଧାର - ଏବଂ ପରବର୍ତ୍ତୀ ସମୟରେ ଭାରତକୁ ସେମାନଙ୍କର ପ୍ରତ୍ୟାବର୍ତ୍ତନ - କେବଳ ଏହି ସଂସ୍ଥାଗୁଡ଼ିକର ସତର୍କତା ଏବଂ ନିରନ୍ତର ପ୍ରୟାସ ଯୋଗୁଁ ସମ୍ଭବ ହୋଇପାରିଛି।

ଫେରାଯାଇଥିବା ଜିନିଷଗୁଡ଼ିକ ମଧ୍ୟରେ 'ଅବଲୋକିତେଶ୍ୱର'ଙ୍କ ଏକ ବ୍ରୋଞ୍ଜ ପ୍ରତିମା ପ୍ରମୁଖ। ଯାହାର ମୂଲ୍ୟ ପ୍ରାୟ ୨ ନିୟୁତ ହେବ ବୋଲି ଆକଳନ କରାଯାଇଛି। ଏହି ପ୍ରତିମାକୁ ସିଂହ ଦ୍ୱାରା ସଜ୍ଜିତ । ପ୍ରତିମାରେ ଥିବା ଏକ ଶିଳାଲେଖ ଅନୁସାରେ, ଏହାକୁ ଛତିଶଗଡ଼ର ରାୟପୁର ନିକଟରେ ଅବସ୍ଥିତ ସିରପୁର ଗ୍ରାମର ବାସିନ୍ଦା ଦ୍ରୋଣାଦିତ୍ୟ ନାମକ ଜଣେ କାରିଗର ଦ୍ୱାରା ତିଆରି କରାଯାଇଥିଲା। ଅବଲୋକିତେଶ୍ୱର ପ୍ରତିମା ୧୯୩୯ ମସିହାରେ ଲକ୍ଷ୍ମଣ ମନ୍ଦିର ନିକଟରେ ଆବିଷ୍କୃତ ଏକ ବଡ଼ ବ୍ରୋଞ୍ଜ ମୂର୍ତ୍ତିର ଅଂଶ ଥିଲା।

# ରାଜସ୍ଥାନ ବିପକ୍ଷରେ ଦିଲ୍ଲୀ ୭ୱିକେଟ୍‌ରେ ବିଜୟୀ

**ଜୟପୁର,୨।୫:** ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୩ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଶୁକ୍ରବାର ଦିଲ୍ଲୀ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ବିଜୟୀ ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ୧୯.୧ ଓଭରରେ ୩ଟି ୱିକେଟ୍ ହରାଇ ୨୨୬ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିଛି। ଦଳର ଆଗଧାଡିର ଖେଳାଳିମାନେ ବିସ୍ଫୋରକ ବ୍ୟାଟିଂ କରି ଏହି ସଫଳତା ହାସଲ କରିଛନ୍ତି। ଦିଲ୍ଲୀର ପ୍ରାରମ୍ଭିକ ବ୍ୟାଟିଂ ଶକ୍ତିଶାଳୀ ଥିଲା। ଦଳ ପ୍ରଥମ ୱିକେଟରେ ୧୧୦ ରନର ଭାଗିଦାରୀ କରିପାରିଥିଲା। ପାଥୁମ ନିଶଙ୍କା ଏବଂ କେଏଲ୍ ରାହୁଲଙ୍କ ଦ୍ୱାରା ଏହା ସମ୍ଭବ ହୋଇଥିଲା। ନିଶଙ୍କା ବ୍ୟକ୍ତିଗତ ଭାବେ ୬୨ ରନ୍ ସଂଗ୍ରହ କରି ଆଉଟ୍ ହୋଇଥିଲେ। ସେ ୩୩ଟି ବଲ୍ ଖେଳି ୬ଟି ଚୌକା ଏବଂ ୩ଟି ଛକା ମାରିଥିଲେ। କେଏଲ ରାହୁଲ ୪୦ଟି ବଲ୍ ଖେଳି ୭୫ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ସେ ୬ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ନିତିଶ ରାଣା ୧୭ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୩ ରନ୍ ସଂଗ୍ରହ କରିଥିଲେ। ଡିଷ୍ଟାନ ଷ୍ଟବ୍ସ ଅପରାଜିତ ୧୮ ରନ୍ ଏବଂ ଆଶୁତୋଷ ଶର୍ମା ଅପରାଜିତ ୨୫ ରନ୍ କରିଥିଲେ। ଜୟପୁରସ୍ଥିତ ସୱାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଉଥିବା ଏହି ମ୍ୟାଚ୍‌ରେ ରାଜସ୍ଥାନ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ ହରାଇ ୨୨୫ ରନ୍ ସଂଗ୍ରହ କରିଥିଲା। ରାଜସ୍ଥାନ ପାଇଁ ଅଧିନାୟକ ରିୟାନ ପରାଗ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୫୦ଟି ବଲ ଖେଳି ୮ଟି ଚୌକା ଏବଂ ୫ଟି ଛକା ମାରିଥିଲେ। ଯୁବ ବ୍ୟାଟର ଧ୍ରୁବ ଜୁରେଲ ଦଳ ପାଇଁ ତୃତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୪୨ ରନ୍ ସଂଗ୍ରହ କରିଥିଲେ। ସେ ୩୦ଟି ବଲ୍ ସମ୍ମୁଖୀନ ହୋଇ ୪ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ସେହିପରି ଦଳ ପାଇଁ ଦ୍ୱିତୀୟ ସର୍ବାଧିକ ସ୍କୋର ଦୋନେଭାନ ଫେରାରିଆ କରିଥିଲେ। ସେ ୧୪ଟି ବଲ୍ ଖେଳିଥିଲେ ଏବଂ ବିସ୍ଫୋରକ ବ୍ୟାଟିଂ କରିଥିଲେ। ୨ଟି ଚୌକା ଏବଂ ୬ଟି ଛକା ବଳରେ ଅପରାଜିତ ୪୭ ରନ୍ ସଂଗ୍ରହ କରିଥିଲେ। ରାଜସ୍ଥାନର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଦେଖାଯାଇଥିଲା। ବିସ୍ଫୋରକ ବ୍ୟାଟର ଯଶସ୍ୱୀ ଜୟସ୍ୱାଲ ଏବଂ ବୈଭବ ସୂର୍ଯ୍ୟବଂଶୀ ଅତି ଶସ୍ତାରେ ଆଉଟ ହୋଇଥିଲେ। ଜୟସ୍ୱାଲ ୬ ରନ୍ ଏବଂ ବୈଭବ ୪ ରନ କରି ଆଉଟ ହୋଇଥିଲେ। ଦଳ ୬ ରନ୍‌ରେ ପ୍ରଥମ ଏବଂ ୧୨ ରନରେ ଦ୍ୱିତୀୟ ୱିକେଟ ହରାଇଥିଲା। କିନ୍ତୁ ତୃତୀୟ ୱିକେଟ ପାଇଁ ଧ୍ରୁବ ଜୁରେଲ ଏବଂ ରିୟାନ ପରାଗ ୧୧୨ ରନ୍‌ର ଭାଗିଦାରୀ କରିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ମିଚେଲ ଷ୍ଟାର୍କସ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ସେ ୪ ଓଭର ବୋଲିଂ କରି ୪୦ ରନ୍ ଖର୍ଚ୍ଚ କରିଥିଲେ। କାଏଲ ଜେମିସନ, ଅକ୍ଷର ପଟେଲ ଏବଂ ଟି ନଟରାଜନଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।



# ଭାରତରେ ପ୍ରସାରିତ ହୋଇନପାରେ ଫିଫା ବିଶ୍ୱକପ୍?

**ନୂଆଦିଲ୍ଲୀ,୨।୫:** ବିଶ୍ୱ ଫୁଟ୍‌ବଲ୍‌ର ସର୍ବବୃହତ୍ ମହାକୁମ୍ଭ 'ଫିଫା ବିଶ୍ୱକପ୍-୨୦୨୬'ର ସିଧା ପ୍ରସାରଣ ଭାରତରେ ଆଦୌ ହୋଇ ନପାରେ। କେବଳ ଭାରତ ନୁହେଁ ଚୀନ, ମାଲେସିଆ, ଭିଏତନାମ ଓ ଶ୍ରୀଲଙ୍କାର ଫୁଟ୍‌ବଲ୍ ପ୍ରେମୀ ମଧ୍ୟ ଟେଲିଭିଜନ ପରଦା କିମ୍ବା ଅନ୍‌ଲାଇନରେ ବିଶ୍ୱକପ୍ ଦେଖିବାର ସୁଯୋଗ ପାଇ ନପାରନ୍ତି। କାରଣ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ମାତ୍ର ଦୁଇ ମାସର କମ୍ ଦିନ ବାକି ଥିଲା ବେଳେ ଭାରତ ସମେତ ଏହି ସବୁ ଦେଶରେ ବିଶ୍ୱକପ୍ ପ୍ରସାରଣ ଅଧିକାର କୌଣସି ଟେଲିଭିଜନ୍ ଚ୍ୟାନେଲ କିଣି ନାହାନ୍ତି କିମ୍ବା କିଣିବାର ଆଗ୍ରହ ବି ପରିପ୍ରକାଶ କରି ନାହାନ୍ତି। ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଭାରତ ଓ ଚୀନରେ ବିଶ୍ୱକପ୍‌ର ପ୍ରସାରଣକୁ ନେଇ ସୃଷ୍ଟି ହୋଇଥିବା ଏହି ଆଶଙ୍କା ଫୁଟ୍‌ବଲ୍ ପ୍ରେମୀଙ୍କୁ ବ୍ୟଥିତ କରିଛି। ଫିଫା ଭାରତରେ ଆଗାମୀ ଦୁଇଟି ବିଶ୍ୱକପ୍ ସହ ୨୦୨୭ ମହିଳା ବିଶ୍ୱକପ ଲାଗି ପ୍ରସାରଣ ଅଧିକାର ବିକ୍ରି ପ୍ରକ୍ରିୟା ଗତବର୍ଷ ଜୁଲାଇ ମାସରେ ଆରମ୍ଭ କରିଥିଲା। ପ୍ରାରମ୍ଭିକ ପର୍ଯ୍ୟାୟରେ ଏଥିଲାଗି ୧୦୦ନିୟୁତ ଡଲାରର ମୂଳ ଦର ରଖା ଯାଇଥିଲା। ତେବେ ଭାରତରେ ଫୁଟ୍‌ବଲ୍ ଦର୍ଶକଙ୍କ ସଂଖ୍ୟା ସେତେଟା ଉତ୍ସାହଜନକ ନଥିବାରୁ କେ?ଣସି କଂପାନି ଏହାକୁ କିଣିବାକୁ ଅଗ୍ରହ ଦେଖାଇ ନଥିଲେ। ବାଧହୋଇ ଫାଫା ତା'ର ଦରକୁ ଯଥେଷ୍ଟ କମାଇ ଦେଇ ମାତ୍ର ୩୫ ନିୟୁତ ଡଲାର ରଖିଥିଲା। ତଥାପି ଏବେସୁଦ୍ଧା ଏଥିନେଇ କୌଣସି କଂପାନି ବିଡ୍ ଦାଖଲ କରି ନଥିବା ଜଣାପଡିଛି। ୟୁରୋ କପ୍ ଏବଂ ୟୁଫା ପ୍ରତିଯୋଗିତାର ପ୍ରସାରଣ ଅଧିକାର କିଣିଥିବା ସୋନି ପିକ୍‌ଚର୍ସ ନେଟୱର୍କ ଇଣ୍ଡିଆ ଟଙ୍କାର ନିୟମିତ ମୂଲ୍ୟ ହ୍ରାସ ପାଇଁ ଫିଫା ବିଶ୍ୱକପ୍ ପ୍ରସାରଣ ଅଧିକାର କିଣିବାଠାରୁ ଦୂରେଇ ରହିଛି।ଜିଓ-ହଟଷ୍ଟାର୍ ମଧ୍ୟ ବିଶ୍ୱକପ୍ ପ୍ରସାରଣ ଅଧିକାର କିଣିବା ସପକ୍ଷରେ ନାହିଁ।




# ପ୍ରଶଂସକଙ୍କୁ ଧମକାଇଲେ କ୍ଲାସେଁ



**ମୁମ୍ବାଇ,୨।୫:** ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ଖେଳୁଥିବା ଦକ୍ଷିଣ ଆଫ୍ରିକୀୟ ଖେଳାଳି ହେନେରିକ୍ କ୍ଲାସେଁଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ଏହି ଭିଡିଓରେ ସେ ଜଣେ ପ୍ରଶଂସକଙ୍କୁ ଧମକାଉଥିବା ଶୁଣାଯାଉଛି।ଘଟଣାଟି ମୁମ୍ବାଇ ଏୟାରପୋର୍ଟର ବୋଲି ମନେକରାଯାଉଛି। କ୍ଲାସେଁ ନିଜ ପରିବାର ସହ ଯାଉଥିବାବେଳେ ଜଣେ ବ୍ୟକ୍ତି ତାହାର ଭିଡିଓ ଉତ୍ତୋଳନ କରୁଥିବା ଦେଖିବା ପରେ ସେ ତାହାକୁ ବାରଣ କରିଥିଲେ। ଖେଳାଳିଙ୍କ ବ୍ୟକ୍ତିଗତ ଗୋପନୀୟତା ଉଲ୍ଲଙ୍ଘନ କରିବା ସତ୍ତ୍ୱେ ସଂପୃକ୍ତ ବ୍ୟକ୍ତି ଭିଡିଓ ଉତ୍ତୋଳନ କରିଚାଲିଥିଲେ। ଏହା ଦେଖି କ୍ଲାସେଁ କହିଲେ," ଏହା କରନାହିଁ, ମୋ କଥା ଶୁଣ, ଏହା କରନାହିଁ। ମୁଁ ନାହିଁ କହୁଛି, ଏଠାରୁ ଚାଲିଯାଅ।'' ସେ ଏପରି କହିବା ସତ୍ତ୍ୱେ ସଂପୃକ୍ତ ବ୍ୟକ୍ତି ତାହାକୁ କର୍ଣ୍ଣପାତ ନ କରି ଭିଡିଓ ଉତ୍ତୋଳନ ଜାରି ରଖିଥିଲେ। ଏହା ପରେ କ୍ଲାସେଁ ଟିକିଏ ବିରକ୍ତ ହୋଇ କହିଥିଲେ, " ଧନ୍ୟବାଦ, କିନ୍ତୁ ଫଟୋ ଉଠାଅ ନାହିଁ। ଯଦି ଫଟୋ ଉଠାଇବ ତେବେ ମୁଁ ତୁମକୁ ତଳକୁ ଖସାଇଦେବି ( ମାଡ଼ ମାରିବାକୁ ପଛାଇବି ନାହିଁ)''। ଏପ୍ରିଲ ୨୯ରେ ମୁମ୍ବାଇରେ ହୋଇଥିବା ମ୍ୟାଚ୍‌ରେ ସନ୍‌ରାଇଜର୍ସ ୬ ୱିକେଟ୍‌ରେ ବିଜୟୀ ହୋଇଥିଲା ଓ ଏହି ମ୍ୟାଚ୍‌ରେ କ୍ଲାସେଁ ୬୫ ରନ୍ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

# ବେଙ୍ଗାଲୁରୁ ବିପକ୍ଷରେ ଗୁଜରାଟର ସହଜ ବିଜୟ

**ଅହମଦାବାଦ,୨।୫:** ଘରୋଇ ମାଟିରେ ଗୁଜରାଟ ଟାଇଟନ୍ସ ଆଜି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ୪ ୱିକେଟ୍‌ରେ ପରାସ୍ତ କରିଛି। ୧୫୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଶୁବମନ ଗିଲ୍‌ଙ୍କ ଦଳ ୧୫.୫ ଓଭରରେ ୬ ୱିକେଟ୍ ହରାଇ ୧୫୮ ରନ୍ ସଂଗ୍ରହ କରିଛି। ଶୁବମନ ଗିଲ ଦଳ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଛନ୍ତି। ଗିଲ୍ ୧୮ଟି ବଲ୍‌ର ସାମ୍ନା କରିଥିଲେ, ଯେଉଁଥିରେ ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ରଣନୀତି ହିସାବରେ ଗୁଜରାଟ ବ୍ୟାଟିଂ କରିଥିଲା। ପ୍ରଥମ ୱିକେଟ୍ ପାଇଁ ସାଇ ସୁଦର୍ଶନ ଏବଂ ଶୁବମନ ଗିଲ ୪୨ ରନ୍‌ର ଭାଗିଦାରୀ କରିଥିଲେ। ଏଥିରେ ସୁଦର୍ଶନଙ୍କର ବ୍ୟକ୍ତିଗତ ସ୍କୋର ୬ ରନ୍ ଥିଲା। ସେ ଗୋଟିଏ ଚୌକା ମାରିଥିଲେ। ବେଙ୍ଗାଲୁରୁର ଦ୍ୱିତୀୟ ଶିକାର ହୋଇଥିଲେ ଶୁବମନ ଗିଲ। ସେତେବେଳକୁ ଦଳର ସ୍କୋର ୫୭ ରନ୍‌ରେ ପହଞ୍ଚି ଥିଲା। ଗୁଜରାଟ ୯୨ ରନ୍‌ରେ ଜୋସ ବଟଲର, ୧୦୯ ରନ୍‌ରେ ଶାହରୁଖ ଖାନ ଏବଂ ୧୧୫ ରନ୍‌?ରେ ୱାସିଂଟନ ସୁନ୍ଦରଙ୍କୁ ହରାଇଥିଲା। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ୨୦୨୬ର ୪୨ତମ ମ୍ୟାଚ୍‌ରେ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ସ୍ଥାନୀୟ ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଗୁରୁବାର ସନ୍ଧ୍ୟାରେ ବେଙ୍ଗାଲୁରୁ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୫ ରନ୍ କରିଥିଲା। ବେଙ୍ଗାଲୁରୁ ପାଇଁ ଜାକୋବ ବେଥେଲ ଏବଂ ବିରାଟ କୋହଲି ବ୍ୟାଟିଂ କରିଥିଲେ। ଉଭୟ ଖେଳାଳି ପ୍ରଥମ ୱିକେଟ ପାଇଁ ୩୪ ରନ୍ ଭାଗିଦାରୀ କରିଥିଲେ। ଏଥିରେ ଜାକୋବଙ୍କ ବ୍ୟକ୍ତିଗତ ସ୍କୋର ୫ ରନ୍ ଥିଲା, ଯିଏକି ଗୋଟିଏ ଚୌକା ମାଧ୍ୟମରେ ଏହା ସଂଗ୍ରହ କରିଥିଲେ। ଗୁଜରାଟର ଦ୍ୱିତୀୟ ଶିକାର ହୋଇଥିଲେ ବିରାଟ କୋହଲି। ସେ ଆଉଟ୍ ହୋଇ ପାଭିଲିଅନ ଫେରିଯିବା ପୂର୍ବରୁ ବ୍ୟକ୍ତିଗତ ଭାବେ ୨୮ ରନ ସଂଗ୍ରହ କରିଥିଲେ। ସେ ୧୩ଟି ବଲ୍‌?ର ସାମ୍ନା କରି ୫ଟି ଚୌକା ଏବଂ ଗୋଟିଏ ଛକା ମାରିଥିଲେ। ବେଙ୍ଗାଲୁରୁ ପାଇଁ ଦେବଦତ୍ତ ପଡ଼ିକଲ ସର୍ବାଧିକ ବ୍ୟକ୍ତିଗ ସ୍କୋର କରିଥିଲେ। ସେ ୨୪ଟି ବଲ ଖେଳିଥିଲେ ଏବଂ ୪୦ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୨ଟି ଛକା ସାମିଲ ଥିଲା। ଅଧିନାୟକ ରଜତ ପଟିଦାର ୧୯ ରନ୍, ରୋମାରିଓ ସିଫର୍ଡ ୧୭ ରନ୍, ଭୁବନେଶ୍ୱର କୁମାର ୧୫ ରନ୍ ଏବଂ ଭେଙ୍କଟେଶ ଆୟର ୧୨ ରନ୍ ସଂଗ୍ରହ କରିଥିଲେ। ଶୁବମନ ଗିଲଙ୍କ ପରେ ଗୁଜରାଟ ପାଇଁ ବଟଲର ଦ୍ୱିତୀୟ ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୧୯ଟି ବଲ୍ ଖେଳି ୨ଟି ଚେ?କା ଏବଂ ୪ଟି ଛକା ମାଧ୍ୟମରେ ୩୯ ରନ୍ ସଂଗ୍ରହ କରିଥିଲେ। ୱାସିଂଟନ ସୁନ୍ଦର ୧୨ଟି ବଲ୍ ସାମ୍ନା କରି ୧୨ ରନ୍ କରିଥିଲେ। ଗୁଜରାଟ ପାଇଁ ଅର୍ସଦ ଖାନ ଶ୍ରେଷ୍ଠ ବୋଲିଂ କରିଥିଲେ।



# ଦିଲ୍ଲୀ ଦ୍ରୁତ ବୋଲର କାୟଲ ଜାମିସନଙ୍କୁ ମିଳିଲା ଦଣ୍ଡ

**ନୂଆଦିଲ୍ଲୀ,୨।୫:** ଦିଲ୍ଲୀ କ୍ୟାପିଟାଲ୍ସର ଦ୍ରୁତ ବୋଲର କାୟଲ ଜାମିସନଙ୍କୁ ଦଣ୍ଡ ଦେଇଛି ବିସିସିଆଇ। ରାଜସ୍ଥାନ ରୟାଲ୍ସର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ବୋଲ୍ଡ କରିବା ପରେ ଜାମିନ ପ୍ରଦର୍ଶନ କରିଥିବା ଆଚରଣକୁ ସହଜରେ ଗ୍ରହଣ କରିନି ବିସିସିଆଇ। ବୋଲ୍ଡ କରିବା ପରେ ଜାମିସନ ଯେଉଁଭଳି ତାଳିମାରି ସୂର୍ଯ୍ୟବଂଶୀଙ୍କ ଆଡକୁ ମାଡି ଯାଇଥିଲେ ଓ ତାଙ୍କୁ ଆଖି ଦେଖାଇଥିଲେ, ତା'ର ଦୃଶ୍ୟ ସୋଶାଲ ମିଡିଆରେ ବେଶ ଭାଇରାଲ ହୋଇଥିଲା ଜଣେ ଯୁବ ଖେଳାଳିଙ୍କ ପ୍ରତି ନ୍ୟୁଜିଲ୍ୟାଣ୍ଡର ଏହି ଦ୍ରୁତ ବୋଲର ଜଣଙ୍କ ଯେଉଁ ଭଳି ବ୍ୟବହାର କରିଥିଲେ, ତା'କୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିଲା। ଏଥିପାଇଁ ମ୍ୟାଚ୍ ପରେ ଜାମିସନଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଛି। କ୍ୱିଭି ପେସର ଜଣଙ୍କ ଆଇପିଏଲ ଆଚରଣ ବିଧିର ଧାରା ୨.୫କୁ ଉଲ୍ଲଙ୍ଘନ କରିବା ଘଟଣାରେ ଦୋଷୀ ସାବ୍ୟସ୍ତ ହୋଇଛି।

ପୂରା ଘଟଣା ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ର ଦ୍ୱିତୀୟ ଓଭରରେ ଘଟିଥିଲା। ଜାମିସନଙ୍କ ପ୍ରଥମ ବଲରେ ସୂର୍ଯ୍ୟବଂଶୀ ଚୌକା ମାରିଥିଲେ। ହେଲେ ପରବର୍ତ୍ତୀ ବଲରେ ସେ ତାଙ୍କୁ ବୋଲ୍ଡ କରିଥିଲେ। ଏହାପରେ ଜାମିସନ ଆକ୍ରମଣାତ୍ମକ ଢଙ୍ଗରେ ସୂର୍ଯ୍ୟବଂଶୀଙ୍କ ସାମ୍ନାକୁ ଆସି ସେଲିବ୍ରେସନ କରିଥିଲେ। ସୂର୍ଯ୍ୟବଂଶୀଙ୍କ ୱିକେଟ ତାଙ୍କ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା, ସେକଥା ସ୍ପଷ୍ଟ ହୋଇଥିଲା। ଜାମିସନ ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଥିଲେ ହେଁ ସୂର୍ଯ୍ୟବଂଶୀ କିଛି ବି କହି ନଥିଲେ। ମ୍ୟାଚ୍ ପରେ ଆଇପିଏଲ ପକ୍ଷରୁ ଜାରି ବିବୃତିରେ ଲେଭଲ ୧ ଅପରାଧ ପାଇଁ ଜାମିସନଙ୍କୁ ଗୋଟିଏ ଡିମେରିଟ ପଏଣ୍ଟ ମିଳିଥିବା କୁହାଯାଇଛି। ସେହିପରି ତାଙ୍କୁ ଆକ୍ରମଣାତ୍ମକ ଆଭିମୁଖ୍ୟ ପ୍ରଦର୍ଶନ ନ କରିବାକୁ ଚେତାବନୀ ଦିଆଯାଇଛି। ଜାମିସନ ତାଙ୍କ ବିରୋଧରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନକୁ ମାନି ନେଇଛନ୍ତି। ମ୍ୟାଚ୍ କଥା ବିଚାରକୁ ନେଲେ ଅଧିନାୟକ ରିୟାନ ପରାଗଙ୍କ ୯୦ ରନ ଓ ଡେନେଭୋନ ଫରେରାଙ୍କ ବିସ୍ଫୋରକ ୪୭ ରନ ବଳରେ ରାଜସ୍ଥାନ ୨୦ ଓଭରରେ ୨୨୫ ରନ କରିଥିଲା।





# ବିଶ୍ୱ ଟିଟି : ୟୁକ୍ରେନକୁ ହରାଇଲା ଭାରତ

**ଲଣ୍ଡନ,୨।୫:** ଇଂଲଣ୍ଡର ଲଣ୍ଡନଠାରେ ଚାଲିଥିବା ଆଇଟିଟିଏଫ୍ ବିଶ୍ୱ ଦଳଗତ ଟେବୁଲ୍? ଟେନିସ୍? ପ୍ରତିଯୋଗିତାରେ ଭାରତ ରୋମାଞ୍ଚକ ଢଙ୍ଗରେ ୟୁକ୍ରେନ୍?କୁ ୩-୨ରେ ପରାସ୍ତ କରିଛି। ତା' ସହିତ ଗ୍ରୁପ୍?-୬ରେ ନିଜ ସ୍ଥିତିକୁ ପୂର୍ବାପେକ୍ଷା ଆହୁରି ସୁଦୃ? କରି ନେଇଛି। ଏହି ତୀବ୍ର ସଂଘର୍ଷପୂର୍ଣ୍ଣ ମୁକାବିଲାର ପ୍ରଥମ ମ୍ୟାଚ୍?ରେ ଅଭିଜ୍ଞ ମନିକା ବାତ୍ରା ପ୍ରତିପକ୍ଷ ଡେଡୟାନା ବିଲେଙ୍କ?ଙ୍କୁ ୧୧-୯, ୭-୧୧, ୧୧-୬, ୧୧-୫ରେ ହରାଇ ଭାରତକୁ ପ୍ରାରମ୍ଭିକ ଅଗ୍ରଣୀ ଦେଇଥିଲେ। ପରବର୍ତ୍ତୀ ମ୍ୟାଚ୍?ରେ ୟୁକ୍ରେନ୍?ର ମାର୍ଗାରିଟା ପେସୋତ୍?ସ୍କା ଭାରତର ଯଶସ୍ୱିନୀ ଘୋରପଡ?ଙ୍କୁ ହରାଇ ସ୍ଥିତି ୧-୧ କରି ନେଇଥିଲେ। ସେହିଭଳି ଦିୟା ଚିତା?ଲେ ତୃତୀୟ ମ୍ୟାଚ୍?ରେ ଭେରୋନିକା ମାତିୟୁନାଙ୍କୁ ହରାଇ ଭାରତକୁ ପୁଣି ଥରେ ୨-୧ରେ ଆଗୁଆ କରି ଦେଇଥିଲେ। ହେଲେ ମନିକା ଦୁର୍ଭାଗ୍ୟଜନକ ଚତୁର୍ଥ ମୁକାବିଲାରେ ଭାବେ ମାର୍ଗାରିଟାଙ୍କଠାରୁ ହାରି ଯାଇଥିଲେ। ଏଣୁ ସ୍ଥିତି ୨-୨ରେ ବରାବର ହୋଇଯାଇଥିଲା। ପଞ୍ଚମ ତଥା ନିର୍ଣ୍ଣାୟକ ମୁକାବିଲାରେ ଘୋରପଡ? ଅସୀମ ଧୈ?ର୍ଯ୍ୟ ଓ ଆତ୍ମବିଶ୍ୱାସର ପରିଚୟ ଦେଇ ତେତୟାନାଙ୍କୁ ହରାଇବା ସହ ଭାରତକୁ ବିଜୟୀ କରାଇଥିଲେ।



# ବାଇକ ରୋର ଇଭିଓର ଶୁଭାରମ୍ଭ

**ନୂଆଦିଲ୍ଲୀ,୨।୫:** ଓବେନ ଇଲେକ୍‌ଟ୍ରିକ୍, ଭାରତର ନିଜସ୍ୱ ଗବେଷଣା ଓ ବିକାଶ ଭିତ୍ତିକ ବୈଦ୍ୟୁତିକ ମୋଟରସାଇକେଲ ନିର୍ମାତା, ଆଜି ଏହାର ସମ୍ପୂର୍ଣ୍ଣ ନୂତନ ରୋର ଇଭିଓର ଶୁଭାରମ୍ଭ ବିଷୟରେ ଘୋଷଣା କରିଛି, ଯାହାକି ୧୦,୦୦୦ ଗ୍ରାହକଙ୍କ ପାଇଁ ଏହାର ସ୍ୱତନ୍ତ୍ର ପ୍ରାରମ୍ଭିକ ମୂଲ୍ୟ ୯୯,୯୯୯ ଟଙ୍କା (ଏକ୍ସଶୋ'ରୁମ) ରଖାଯାଇଛି। ଏହି ବର୍ଗରେ ଏକ ବଡ଼ ପରିବର୍ତ୍ତନ ଆଣିବା ପାଇଁ ଡ଼ିଜାଇନ କରାଯାଇଥିବା ରୋର ଇଭିଓ, ଡ଼ିଜାଇନ ଏବଂ କାର୍ଯ୍ୟଦକ୍ଷତାକୁ ଏକାଠି କରି ଏକ ନୂତନ ପରିଚୟ ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ଏକ ବୈଦ୍ୟୁତିକ ମୋଟରସାଇକେଲରୁ ମିଳୁଥିବା ଆଶାକୁ ପୁନଃ ନିର୍ଦ୍ଧାରିତ କରୁଛି। ବାଇକ ଚାଳକ ମାନଙ୍କୁ ରୋମାଂଚ ଏବଂ ବ୍ୟବହାରିକତା ମଧ୍ୟରୁ ଯେପରି କୌଣସି ଗୋଟିଏକୁ ବାଛିବାକୁ ନ ପଡ଼େ, ସେହି ଚିନ୍ତାଧାରାକୁ ନେଇ ରୋର ଇଭିଓକୁ ପ୍ରସ୍ତୁତ କରାଯାଇଛି। ଏହା ବାସ୍ତବ ଦୁନିଆର ବାଇକ ଚାଳନା ଦିଗରେ ଏକ ସମ୍ପୂର୍ଣ୍ଣ ଏବଂ ସାଲିସ ବିହୀନ ମୋଟରସାଇକେଲ ଭାବରେ ଏହାର ଯାନ୍ତ୍ରିକୀ କରାଯାଇଛି। ଏହା ନିଜର ଏକ ଆକ୍ରମଣାତ୍ମକ ସଡ଼କ ସହିତ ତାଳ ଦେବା ଭଳି ଡ଼ିଜାଇନ ସହିତ ଶକ୍ତିଶାଳୀ କାର୍ଯ୍ୟଦକ୍ଷତା ଏବଂ ସୂକ୍ଷ୍ମ ଭାବେ ସଂଯୋଜିତ ବିଶେଷତ୍ୱ ଗୁଡ଼ିକର ମିଶ୍ରଣ ପ୍ରଦାନ କରେ, ଯାହା ଏହାର ଚାଳନା ପାଇଁ ଯେତିକି ଆକର୍ଷଣୀୟ ବ୍ୟବହାର ପାଇଁ ମଧ୍ୟ ସେତିକି ସହଜ କରିଥାଏ। ପ୍ରଥମ ଦୃଷ୍ଟିଭଙ୍ଗୀରେ, ରୋର ଇଭିଓ ଏହାର ଦୃଢ଼, ବଳିଷ୍ଠ ଶୈଳୀ ଏବଂ ଆକର୍ଷଣୀୟ ରୂପ ପାଇଁ ବାରି ହୋଇପଡ଼େ। ଏହାର ସମ୍ମୁଖ ଭାଗରେ ଏକ ସିଗ୍‌ନେଚର ପୋଜିସନ ଯୁକ୍ତ ଲାମ୍ପ ସହିତ ପ୍ରୋଜେକ୍ଟର ହେଡ଼ ଲାମ୍ପ ରହିଛି।

# ମୁମ୍ବାଇର ପରାଜୟରେ କାନ୍ଦିଲେ ନୀତା

**ମୁମ୍ବାଇ,୨।୫:** କ୍ରିକେଟ୍ ଅନିଶ୍ଚିତତାର ଖେଳ, କିନ୍ତୁ କେବେ କେବେ ଏହି ଖେଳ ମଇଦାନରୁ ବାହାରି ଭାବପ୍ରବଣତାର ଏକ ନୂଆ ରୂପ ନେଇଥାଏ। ଆଇପିଏଲ୍ ୨୦୨୪ର ୪୧ତମ ମ୍ୟାଚ୍?ରେ ଠିକ୍ ସେଇଆ ଦେଖିବାକୁ ମିଳିଛି । ୱାଙ୍ଖ?ଡ଼? ଷ୍ଟାଡିୟମରେ ରନ୍?ର ପାହାଡ଼ ଚଢ଼ିବା ପରେ ମଧ୍ୟ ଯେତେବେଳେ ଘରୋଇ ଦଳ ମୁମ୍ବାଇ ଇଣ୍ଡିଆନ୍ସ ପରାଜୟର ସ୍ୱାଦ ଚାଖିଲା, ସେତେବେଳେ କେବଳ ପ୍ରଶଂସକ ନୁହେଁ, ବରଂ ଦଳର ମାଲିକାଣୀ ନୀତା ଅମ୍ବାନୀ ମଧ୍ୟ ନିଜ ଲୁହ ରୋକିପାରି ନଥିଲେ।

ମ୍ୟାଚ୍?ର ପ୍ରାରମ୍ଭରେ ଲାଗୁଥିଲା ଯେମିତି ମୁମ୍ବାଇ ଆଜି ରେକର୍ଡ କରିବା ମୁଡ୍?ରେ ଅଛି । ଓପନର୍ ରାଇନ୍ ରିକେଲଟନ ହାଇଦ୍ରାବାଦ ବୋଲରଙ୍କୁ ନିର୍ମମ ଛେଚି ମାତ୍ର ୫୫ ବଲରେ ୧୨୩ ରନର ଏକ ଅବିଶ୍ୱସନୀୟ ଶତକୀୟ ପାଳି ଖେଳିଥିଲେ। ୱିଲ୍ ଜାକ୍ସ ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହଯୋଗରେ ମୁମ୍ବାଇ ୨୪୩ ରନର ଏକ ବିଶାଳ ସ୍କ?ର ଛିଡ଼ା କରିଥିଲା । ଗ୍ୟାଲେରୀରେ ବସି ନୀତା ଅମ୍ବାନୀ ଓ ଆକାଶ ଅମ୍ବାନୀ ଉତ୍ସାହର ସହ ଦଳକୁ ଚିଅର କରୁଥିଲେ।

୨୪୪ ରନର ଲକ୍ଷ୍ୟ କୌଣସି ବି ଦଳ ପାଇଁ କଷ୍ଟକର, କିନ୍ତୁ ସନରାଇଜର୍ସ ହାଇଦ୍ରାବାଦ ଭିନ୍ନ ରଣନୀତିରେ ଆସିଥିଲା । ଟ୍ରାଭିସ ହେଡ୍ ଏବଂ ଅଭିଷେକ ଶର୍ମା। ପାୱାରପ୍ଲେ ମଧ୍ୟରେ ହିଁ ମ୍ୟାଚ୍?କୁ ମୁମ୍ବାଇ ହାତରୁ ଛଡ଼ାଇ ନେଇଥିଲେ । ହେନ୍ରିଚ୍ କ୍ଲାସେନ୍?ଙ୍କ ଧୂଆଁଧାର ୬୫ ରନ୍ ଏବଂ ଶେଷ ମୁହୂର୍ତ୍ତରେ ଯୁବ ଖେଳାଳି ସଲିଲ ଆରୋରାଙ୍କ ବିସ୍ଫୋରକ ବ୍ୟାଟିଂ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ବିଶେଷ କରି ସଲିଲ ଯେତେବେଳେ ଅଭିଜ୍ଞ ଜସପ୍ରୀତ ବୁମରାଙ୍କ ବଲରେ ଛକା ମାରିଲେ, ସେତେବେଳେ ମୁମ୍ବାଇର ପରାଜୟ ସ୍ପଷ୍ଟ ହୋଇଯାଇଥିଲା।

ମ୍ୟାଚ୍ ଚାଲିଥିବା ସମୟରେ ଏକ ହୃଦୟସ୍ପର୍ଶୀ ଦୃଶ୍ୟ ସାମ୍ନାକୁ ଆସିଥିଲା। ସପ୍ତମ ଓଭରରେ ଯେତେବେଳେ ହାଇଦ୍ରାବାଦର ବ୍ୟାଟରମାନେ ମୁମ୍ବାଇ ବୋଲରଙ୍କୁ ପ୍ରହାର କରୁଥିଲେ, ସେତେବେଳେ କ୍ୟାମେରା ନୀତା ଅମ୍ବାନୀଙ୍କ ଉପରକୁ ଯାଇଥିଲା। ତାଙ୍କ ଆଖି ଲୁହରେ ଭରି ରହିଥିଲା । ଦଳର କ୍ରମାଗତ ବିଫଳତା ଏବଂ ନିଜ ଘରୋଇ ଗ୍ରାଉଣ୍ଡରେ ଏପରି ପରାଜୟ ତାଙ୍କୁ ଗଭୀର ଆଘାତ ଦେଇଥିଲା।

# ଫ୍ଲିପ୍‌କାର୍ଟ, ଆକ୍ସିସ ବ୍ୟାଙ୍କ ଓ ପେୟୁ କାର୍ଡ ପେମେଣ୍ଟସ୍ ପାଇଁ ବାୟୋମେଟ୍ରିକ ପ୍ରଚଳନ

**ଭୁବନେଶ୍ୱର,୨।୫:** ଭାରତର ସ୍ୱଦେଶୀ ଇ-କମର୍ସ ମାର୍କେଟପ୍ଲେସ୍ ଫ୍ଲିପ୍‌କାର୍ଟ, ଭାରତରେ ଅନ୍ୟତମ ସର୍ବବୃହତ ଘରୋଇ କ୍ଷେତ୍ର ବ୍ୟାଙ୍କ ଆକ୍ସିସ ବ୍ୟାଙ୍କ ଓ ଭାରତର ଅଗ୍ରଣୀ ବିବିଧକୃତ ଫିନ୍‌ଟେକ୍ ପ୍ଲାଟଫର୍ମ ପେୟୁ ସହଭାଗୀତାରେ କାର୍ଡ ପେମେଣ୍ଟସ୍ ପାଇଁ ବାୟୋମେଟ୍ରିକ ପ୍ରମାଣୀକରଣ ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି। ତିନିଟି ବିଶ୍ୱସନୀୟ ସଂସ୍ଥାନ ଏହି ପ୍ରୟାସ ନିମନ୍ତେ ସେମାନଙ୍କର ସହଭାଗୀ ଗ୍ରାହକ ପ୍ରଥମ ଆଭିମୁଖ୍ୟ ଆଧାରରେ ପରସ୍ପର ସହିତ ହାତ ମିଳାଇଛନ୍ତି ଏବଂ ଭାରତର ଗ୍ରାହକମାନଙ୍କୁ ସେମାନଙ୍କର ସାମୂହିକ ପ୍ରତିବଦ୍ଧତା ପୁନଃସୁଦୃଢ଼ୀକରଣ କରିଛନ୍ତି।

ଏହି ପ୍ରୟାସ ବ୍ୟବହାରକାରୀଙ୍କୁ ସେମାନଙ୍କ ଆଙ୍ଗୁଠି ଛାପ ଅଥବା ମୁଖମଣ୍ଡଳ ଆଇଡି ସମର୍ଥନକାରୀ ଆଣ୍ଡ୍ରଏଡ ଓ ଆଇଓଏସ୍ ଉପକରଣରେ ବ୍ୟବହାର କରି ଦେଣନେଣ ପ୍ରମାଣୀକରଣ କରିବାକୁ ଅନୁମତି ଦେଉଛି ଏବଂ ଏହାଦ୍ୱାରା ଥରକ ପାଇଁ ପାସୱାର୍ଡ (ଓଟିପି) ଆବଶ୍ୟକତାକୁ ଦୂର କରୁଛି। ଏହି ସେବାକୁ ପ୍ରଥମେ ଆକ୍ସିସ ବ୍ୟାଙ୍କ କାର୍ଡଧାରକମାନଙ୍କ ନିମନ୍ତେ ଯୋଗାଣକାରୀ ସ୍ତରରେ ବାୟୋମେଟ୍ରିକ ପ୍ରମାଣୀକରଣ ଜରିଆରେ କାର୍ଯ୍ୟକ୍ଷମ କରାଯାଉଛି। ଏହାର ପ୍ରଚଳନ ସହିତ ଫ୍ଲିପ୍‌କାର୍ଟ କାର୍ଡ ପେମେଣ୍ଟସ୍ ନିମନ୍ତେ ବାୟୋମେଟ୍ରିକ ପ୍ରମାଣୀକରଣ ସୁବିଧା ଯୋଗାଇଦେବାରେ ଅନ୍ୟତମ ବୃହତ୍ ଭାରତୀୟ ଇ-କମର୍ସ ପ୍ଲାଟଫର୍ମ ହୋଇଛି।

ଏହି ବୈଶିଷ୍ଟ୍ୟ ଗ୍ରାହକମାନଙ୍କୁ ଉପକରଣ ଜରିଆରେ ଆଙ୍ଗୁଠିଛାପ ଏବଂ ପରିବର୍ଦ୍ଧିତ ଯାଞ୍ଚ ସମର୍ଥନରେ ଅଧିକ ସୁରକ୍ଷିତ ପ୍ରମାଣୀକରଣ ପଦ୍ଧତି ଯୋଗାଇଦେଉଛି ଏବଂ ଏହାଦ୍ୱାରା ସିମ୍ ସ୍ୱାପ୍ ଅଥବା ଓଟିପି ଭିତ୍ତିକ ଜାଲିଆତି ବିପଦ ହ୍ରାସ କରୁଛି। ଏହା ଏସଏମ୍ଏସ ଭିତ୍ତିକ ଓଟିପି ପ୍ରତିବଦଳରେ ଡିଜିଟାଲ ପେମେଣ୍ଟସ୍‌ରେ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡିକ ପ୍ରତି ଦୃଷ୍ଟିଦେଉଛି। ଏହା ଏକ ଦ୍ରୁତତର ଏବଂ ଅଧିକ ସୁରକ୍ଷିତ କୌଶଳ ଯାହା ସ୍ମାର୍ଟଫୋନ ବ୍ୟବହାରକାରୀଙ୍କ ନିମନ୍ତେ ସୁପରିଚିତ ହୋଇସାରିଛି। ଏହି ସହଯୋଗୀତା ଅଧୀନରେ ପେୟୁ ଉପକରଣର ସୁରକ୍ଷା ଏବଂ ପ୍ରମାଣୀକରଣ ପ୍ରବାହ ସମେତ ବ୍ୟବସାୟ-ପକ୍ଷର ଭିତ୍ତିଭୂମି ପରିଚାଳନା କରୁଥିବାବେଳେ ଆକ୍ସିସ୍ ବ୍ୟାଙ୍କ ଯୋଗାଣକାରୀ ପକ୍ଷରେ ବାୟୋମେଟ୍ରିକ ଯାଞ୍ଚ ନିମନ୍ତେ ୱିବ୍‌ମୋକୁ ଉପଯୋଗ କରୁଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ